**ପୋଲିସ କମିଶନରଙ୍କ ୪୨ମୌଜା ଗସ୍ତ**

କଟକସଦର,(ଡି.ଏନ୍.ଏ.)- ପ୍ରସ୍ତାବିତ ୪୨ମୌଜା ଥାନା ପାଇଁ ଜାଗା ଚିହ୍ନଟ କରିବା ଲାଗି ଭୁବନେଶ୍ୱର-କଟକ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୋମବାର ୪୨ ମୌଜା ଗସ୍ତରେ ଆସିଥିଲେ। ବେଣ୍ଟକାର ମୌଜାର ମଶାଣିପଦାରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଗୃହ କାର୍ଯ୍ୟ ପାଇଁ ଜାଗା ଦେଖାଇଥିଲେ। ଏହାର ମାଲିକାନା ଗୃହ ବିଭାଗକୁ ହସ୍ତାନ୍ତର ପାଇଁ ଫାଇଲ ଜିଲାପାଳଙ୍କ ପାଖକୁ ପଠାଯିବ। ଥାନା ଘୋଷଣା ହେଲେ ଫାଣ୍ଡି କୋଠାରେ କାର୍ଯ୍ୟ ଚାଲିବ। ସିପିଙ୍କ ସହ କଟକ ଡେପୁଟି ପୋଲିସ କମିଶନର ପ୍ରତିକ ସିଂ ମଧ ଆସିଥିଲେ।




୦୯।୦୮।୨୦୨୧

୨୬୪୪ ଟଙ୍କା

## ସଂକ୍ଷେପରେ

### କାର୍ ଧକ୍କାରେ ଶ୍ରମିକ ମୃତ

ସାଲେପୁର,୯।୮(ଡି. ଏନ.ଏ)- ସାଲେପୁର ଥାନା ଅଧୀନ କଟକ ଚାନ୍ଦବାଲି ରାସ୍ତାର ଶିଶୁଆସ୍ଥିତ ଧବଳେଶ୍ୱର ମନ୍ଦିର ନିକଟରେ ସୋମବାର ଏକ ଗାଡ଼ି ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନଈଗୁଆଁ ଗ୍ରାମର ଶରତ ଭୋଇ (୫୭)। ସେ ଏହି ରାସ୍ତା ପାର୍ଶ୍ୱ ଦେଇ ଚାଲି ଚାଲି ଯାଉଥିବା ବେଳେ ଏକ କାର୍ ତାଙ୍କୁ ଧକ୍କା ଦେଇ କଟକ ଅଭିମୁଖେ ପଳାଇଯାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଶରତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଉକ୍ତ ଗାଡ଼ିକୁ ବାଟରୁ ପୋଲିସ ଜବତ କରିଛି।

### ଭାଜପାରୁ ଇସ୍ତଫା ଦେଲେ ଜିଲା ପରିଷଦ ସଭ୍ୟା

ଟାଙ୍ଗୀ(ଖୋର୍ଦ୍ଧା),୯।୮(ଡି.ଏନ୍.ଏ.): ଟାଙ୍ଗୀ ବ୍ଲକ ୯ନଂ. ଜୋନର ଜିଲା ପରିଷଦ ସଭ୍ୟା ମମତା ଜେନା ଭାଜପାରୁ ଇସ୍ତଫା ଦେଇଛନ୍ତି। ମା' ଉଗ୍ରତାରା ପୀଠରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳ ପକ୍ଷରୁ ଅଣଦେଖା, ଦଳୀୟ କାର୍ଯ୍ୟକ୍ରମରେ ଉପେକ୍ଷା କରାଯିବା ସହ ପୂର୍ବତନ ମଣ୍ଡଳ ସଭାପତି ମଙ୍ଗୁଲି ଜେନାଙ୍କ ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ଦଳ ପକ୍ଷରୁ ସହଯୋଗ ନ ମିଳିବାରୁ ଭାଜପାରୁ ଇସ୍ତଫା ଦେଇଛନ୍ତି ବୋଲି ଜେନା କହିଥିଲେ। ଜିଲା ପରିଷଦ ସଭ୍ୟାଙ୍କ ସମେତ ବଡ଼ପୋଖରୀଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ଜେନା, ଜୋନ ସଭାପତି ରବିନ୍ଦ୍ର ବଳିୟାରସିଂ ଓ ଅଞ୍ଚଳର ଅନେକ କର୍ମୀ ଦଳ ଛାଡ଼ିଥିବା ଜଣାପଡ଼ିଛି।

### ବିଏନ୍ଆରରୁ ଚାଣକ୍ୟ ଗ୍ରୁପ୍ସକୁ ଅଲଗା କରାଯାଉ ରେଳମନ୍ତ୍ରୀଙ୍କୁ ଚିଠି

ପୁରୀ ଅଫିସ,୯।୮: ପୁରୀ ଚାଣକ୍ୟ ବିଏନ୍ଆର୍ ହୋଟେଲର ଚାଣକ୍ୟ ଗ୍ରୁପ୍ସ ସହ ଥିବା ଚୁକ୍ତିକୁ ଖାରଜ କରିବା ପାଇଁ ଭଏସ୍ ଅଫ୍ କମନ୍ମ୍ୟାନ ସଙ୍ଗଠନ ପକ୍ଷରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖାଯାଇଛି। ସଙ୍ଗଠନର ଆବାହକ ହେକ୍ଟର ମିଶ୍ର କହିଛନ୍ତି, ପୁରୀରେ ଥିବା ବିଏନ୍ଆର୍ ହୋଟେଲକୁ ଭାରତୀୟ ରେଲୱେ ପକ୍ଷରୁ ଚାଣକ୍ୟ ଗ୍ରୁପ୍ସକୁ ଲିଜ୍‌ରେ ଦିଆଯାଇଥିବା ବେଳେ ଶେଷ ଥର ପାଇଁ ୨୦୦୪ରେ ଆଇଆରଟିସି ଏବଂ ଚାଣକ୍ୟ ଗ୍ରୁପ୍ ଅଫ୍ ହୋଟେଲ ମଧ୍ୟରେ ଏକ ଚୁକ୍ତିନାମା ହୋଇଥିଲା। ଏଥିରେ ଉଲ୍ଲେଖ ରହିଥିଲା ଯେ, ସମ୍ପୃକ୍ତ ସମ୍ପତ୍ତିକୁ କାହାରି ହସ୍ତାନ୍ତର, ଢ଼ାଞ୍ଚାରେ ପରିବର୍ତ୍ତନ, ବିକ୍ରି କରାଯାଇପାରିବ ନାହିଁ କି ୟୁନିଫର୍ମର ଫର୍ମାଟ ବଦଳାଯାଇ ପାରିବ ନାହିଁ। ମାତ୍ର ଏଭଳି ପ୍ରାବଧାନକୁ ଚାଣକ୍ୟ ଗ୍ରୁପ୍ ଉଲ୍ଲଂଘନ କରିଛି। ଅନେକ ଆସବାବପତ୍ର ବିକ୍ରି କରିବା ସହ ବିଲ୍ଡିଂ ଆଭ୍ୟନ୍ତରୀଣ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛି। ଏହା ଲିଜ୍ ସର୍ତ୍ତାବଳୀକୁ ଉଲ୍ଲଂଘନ କରୁଛି। ଲୋକୋମୋଟିଭ୍ ଇଞ୍ଜିନ୍‌କୁ ମଧ ବିକ୍ରି କରିବା ଉଦ୍ଦେଶ୍ୟରେ ସ୍ଥାନାନ୍ତରଣ କରାଯାଉଥିଲା ବୋଲି ମିଶ୍ର ଅଭିଯୋଗ କରିଛନ୍ତି।

# ହଜାରେ ତଳକୁ ଖସିଲା ସଂକ୍ରମଣ

ଭୁବନେଶ୍ୱର, ୯।୮(ବ୍ୟୁରୋ)

ରାଜ୍ୟରେ ଦୀର୍ଘ ୪ମାସ ପରେ କରୋନା ସଂକ୍ରମଣ ହଜାରେ ତଳକୁ ଖସିଛି। ଗତ ୨୪ ଘଣ୍ଟାରେ ୬୬,୦୬୩ ନମୁନା ପରୀକ୍ଷା କରାଯାଇଥିବାବେଳେ ୮୮୬ଜଣ ପଜିଟିଭ୍ ବାହାରିଛନ୍ତି। ସଂକ୍ରମଣ ହାର ୧.୩୪% ଛୁଇଁଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଖୋର୍ଦ୍ଧାରୁ ସର୍ବାଧିକ ୨୫୩ଜଣ ରହିଥିବାବେଳେ କଟକରୁ ୮୧, ବାଲେଶ୍ୱର ୬୨, ଯାଜପୁର ୬୦, ଜଗତ୍‌ସିଂହପୁର ୫୪ ଓ ପୁରୀରୁ ୫୩ଜଣ ରହିଛନ୍ତି। ବାକିସବୁ ଜିଲାରେ ସଂକ୍ରମିତ ସଂଖ୍ୟା ୫୦ତଳକୁ ରହିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୯,୮୭,୯୫୬କୁ ବୃଦ୍ଧି ପାଇଛି।



ଅପରପକ୍ଷେ ରାଜ୍ୟରେ ଆଉ ୬୬ଜଣଙ୍କ କରୋନାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏମାନଙ୍କ ମୃତ୍ୟୁ କୌଣସି ଗୋଟିଏ ଦିନରେ ନୁହେଁ, ଅଡିଟ୍ ପରେ ଏହି ମୃତ୍ୟୁ ତଥ୍ୟ ଆସିଥିବା ସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟ କରିଛି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୨୯ଜଣ ଥିବାବେଳେ କଟକରୁ ୧୩ଜଣ ରହିଛନ୍ତି। ଫଳରେ କରୋନାଜନିତ ମୃତ୍ୟୁ ୬,୫୦୧ରେ ପହଞ୍ଚିଛି। ସୋମବାର ରାଜ୍ୟରେ ଆଉ ୧,୪୭୫ଜଣ କରୋନାରୁ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୯,୭୧,୩୯୧କୁ ଛୁଇଁଛି। ବର୍ତ୍ତମାନ ରାଜ୍ୟରେ ୧୦,୦୧୧ଜଣ ସକ୍ରିୟ ରୋଗୀ ରହିଛନ୍ତି।

## ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ

ପୁରୀ ଅଫିସ, ୯।୮:

ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ସେବକ ଦଇତାପତିମାନେ ଏହି ନୀତି ସମ୍ପନ୍ନ କରିଥିଲେ। ମଧ୍ୟାହ୍ନ ଧୂପ ସହ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ପରେ ମଇଲମ ନୀତି ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ପ୍ରାୟ ୪.୦୫ରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଏହାପରେ ଶ୍ରୀଦେବୀ, ଭୂଦେବୀ ଖଟଶେଯ ଘରକୁ ବିଜେ କରିଥିଲେ। ଖସାପଡ଼ା ନୀତି ପାଇଁ ଦଇତାପତିମାନେ ଗର୍ଭଗୃହକୁ ଅପରାହ୍ନ ୪.୨୦ରେ ପ୍ରବେଶ କରିଥିଲେ। ନୀତି ପାଇଁ ମହାପ୍ରଭୁଙ୍କ ଦର୍ଶନ ପ୍ରାୟ ୩ଘଣ୍ଟା ବନ୍ଦ ରହିଥିଲା। ନୀତି ସମ୍ପନ୍ନ ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ବଢ଼ିଥିଲା। ପରେ ମଇଲମ ବେଶ, ସନ୍ଧ୍ୟା ଆଳତି ବଢ଼ି ଅନ୍ୟାନ୍ୟ ନୀତି ସହ ରାତ୍ର ପହୁଡ ନୀତି ସମ୍ପନ୍ନ ହୋଇଥିଲା। ଖସାପଡ଼ା ହେଉଛି ଏକ ଗୁପ୍ତ ନୀତି। ଏଥିପାଇଁ ପୂର୍ବଦିନରୁ ଦେଉଳକରଣ ଧଳାକନା ଧୋଇ ଶୁଖାଇ ଗାରଦରେ ଜମା ଦେଇଥାନ୍ତି। ଶୁଦ୍ଧସୁଆର ଖଳି, କଇଁଥ ଅଠା ଯୋଗାଇଥାନ୍ତି। ମଧ୍ୟାହ୍ନ ଧୂପ ପରେ ଜୟବିଜୟ ଦ୍ୱାର ବନ୍ଦ ହୁଏ । ଏହି ଧଳାକନା, ଖଳି ଓ କଇଁଥ ଅଠାକୁ ବ୍ୟବହାର କରି ଦଇତାପତି ସେବକମାନେ ଏହି ନୀତି ସମ୍ପନ୍ନ କରିଥାନ୍ତି।

# ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ଘୋଷଣାକୁ ସ୍ୱାଗତ

କଟକ ଅଫିସ, ୯।୮:

ଚୌଦ୍ୱାର -କଟକ ନିର୍ବାଚନମଣ୍ଡଳୀରେ ଦୁଇଟି ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ନିମନ୍ତେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏହାକୁ କ୍ରୀଡ଼ାପ୍ରେମୀ ସ୍ୱାଗତ କରିଛନ୍ତି। ସ୍ଥାନୀୟ ସର୍କିଟ ହାଉସରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ପ୍ରତ୍ୟେକ ଷ୍ଟାଡିୟମ ନିର୍ମାଣ ନିମନ୍ତେ ୯କୋଟି ୫୫ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ଏଥିପାଇଁ ବିଧାୟକ ବିଶ୍ୱାଳ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଏହି କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କ୍ରୀଡ଼ାର ବିକାଶ ନିମନ୍ତେ ଇନ୍‌ଡୋର ଷ୍ଟାଡିୟମର ଆବଶ୍ୟକତା ରହିଛି । ଦୀର୍ଘ ୪୧ ବର୍ଷ ପରେ ଅଲିମ୍ପିକ୍ସ କ୍ରୀଡ଼ାରେ ଭାରତୀୟ ହକି ଦଳ ବ୍ରୋଞ୍ଜ ପଦକ ଲାଭ କରିପାରିଛି। ଏହି କାରଣରୁ ସାରା ବିଶ୍ୱରୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସାର ସୁଅ ଛୁଟୁଛି। ଏହି ପରିପ୍ରେକ୍ଷୀରେ ଆମ ନିର୍ବାଚନ ମଣ୍ଡଳୀରେ ଷ୍ଟାଡିୟମ ନିର୍ମାଣ ହେଲେ ବହୁ କ୍ରୀଡ଼ା ପ୍ରତିଭା ବିକଶିତ ହେବା ସହ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଗୌରବ ଅର୍ଜନ କରିବାର ସମ୍ଭାବନା ରହିଛି ବୋଲି ବିଧାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ପ୍ରେମଚାନ୍ଦ ନାୟକ, ବିଷ୍ଣୁ ଚରଣ ପରିଡ଼ା, ସବିତା ନାୟକ, ମୀନା ଚୌଧୁରୀ, ଇଂ ସୁବ୍ରତ ଘଡାଇ, ଜାତୀୟସ୍ତରର ଖେଳାଳି ସୋନାଲି ସାଇଁ, ମହମ୍ମଦ ସଦାମ ହୁସେନ, ପ୍ରତୀକ୍ଷା ଦାସ, ଶୁଭଙ୍କର ମାହାଳି, ପୁନମ୍ ମଲ୍ଲିକ, ସୟଂପ୍ରଭା ବଡୁ, ପୂର୍ଣ୍ଣମା ସାହୁଙ୍କ ସମେତ ୩୦ଜଣ କ୍ରୀଡ଼ାବିତ୍ ଉପସ୍ଥିତ ଥିଲେ।




କଟକ ସର୍କିଟ ହାଉସରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଧାୟକ ସୌଭିକ୍ ବିଶ୍ୱାଳ ଏବଂ କ୍ରୀଡାବିତ୍‌ମାନେ ।

## ଯୌତୁକ ପାଇଁ ବଧୂ ହତ୍ୟା ଉଦ୍ୟମ ଅଭିଯୋଗ

ବାଣପୁର,୯।୮(ଡି.ଏନ୍.ଏ.):

ଯୌତୁକ ପାଇଁ ଜଣେ ବଧୂଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ନେଇ ସୋମବାର ବାଣପୁର ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୮୨/୨୧)ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ବାଣପୁର ଥାନା ପଙ୍କାଳ ଗୋପୀନାଥପୁର ଗ୍ରାମର ଝୁମୁରି ପ୍ରଧାନ ଘାଷେଡିହ ମୋହନପୁର ଗ୍ରାମର ସୂର୍ଯ୍ୟକାନ୍ତ ସ୍ୱାଇଁଙ୍କୁ କିଛିଦିନ ପୂର୍ବେ ପ୍ରେମ ବିବାହ କରିଥିଲେ। ବିବାହ ସମୟରେ ଝୁମୁରି ବାପଘରୁ ୨୫ହଜାର ଟଙ୍କା ଏବଂ ଏକ ସୁନାଚେନ ଆଣିଥିଲେ। ଏହାପରେ ଉଭୟେ ସୂର୍ଯ୍ୟକାନ୍ତଙ୍କ ମାମୁଘରେ ରହିଥିଲେ। ଦିନେ ଝୁମୁରିଙ୍କୁ ବାହାରୁ ତାଲା ପକାଇ ସୂର୍ଯ୍ୟକାନ୍ତଙ୍କ ସମେତ ମାମୁଘର ଲୋକେ ଫେରାର ହୋଇଯାଇଥିଲେ। କୌଶଳକ୍ରମେ ଝୁମୁରୀ ସେଠାରୁ ଖସି ଆସି ସୂର୍ଯ୍ୟକାନ୍ତଙ୍କ ଘରକୁ ଯାଇଥିଲେ। କିନ୍ତୁ ସୂର୍ଯ୍ୟକାନ୍ତଙ୍କ ଘରଲୋକେ ତାଙ୍କୁ ବାହାର କରିଦେଇଥିଲେ। ଝୁମୁରୀ ଘର ଆଗରେ ବସି ରହିବାରୁ ସୂର୍ଯ୍ୟକାନ୍ତଙ୍କ ସମେତ ତାଙ୍କ ପରିବାରଲୋକେ ଜୀବନରେ ମାରିଦେବା ପାଇଁ ଜୋର ଜବରଦସ୍ତ ତାଙ୍କୁ ସିନ୍ଦୁର ପିଆଇ ଦେଇଥିଲେ। ଖବରପାଇ ବାପଘର ଲୋକେ ପହଞ୍ଚି ଝୁମୁରିଙ୍କୁ ଚିକିତ୍ସା ପାଇଁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ଏନେଇ ଝୁମୁରିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଗିରଫ ଭୟରେ ଶ୍ୱଶୁର ଘର ଲୋକେ ଫେରାର ହୋଇଯାଇଥିବା ଜଣାପଡ଼ିଛି।

# ପୁରୀ ଛାତ୍ର ବିଜେଡିରେ ଅସନ୍ତୋଷ

ପୁରୀ ଅଫିସ,୯।୮:

**ସୋସିଆଲ୍ ମିଡିଆରେ ଦୁଇ ଗୋଷ୍ଠୀ କଥା କଟାକଟି**

ପୁରୀ ଛାତ୍ର ବିଜେଡିରେ ଅସନ୍ତୋଷ ଦେଖା ଦେଇଥିବା ବେଳେ ଏବେ ଏହା ଆରୋପ ପ୍ରତ୍ୟାରୋପ ଆଡ଼କୁ ମୁହାଁଇଛି। ସୋସିଆଲ୍ ମିଡିଆରେ ପୁରୀ ଜିଲାରେ ଥିବା ଛାତ୍ର ବିଜେଡିର ଦୁଇ ପ୍ରମୁଖ ଗୋଷ୍ଠୀ ମଧ୍ୟରେ କଥା କଟାକଟି ଦେଖିବାକୁ ମିଳିଛି। ପୁରୀ ଜିଲା ଛାତ୍ର ବିଜେଡିର ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ରଣଜିତ ଦାସ ରବିବାର ଏଠାକୁ ଆସି କର୍ମକର୍ତ୍ତାଙ୍କ ସହ ସଙ୍ଗଠନ ସମ୍ପର୍କରେ ଆଲୋଚନା କରିବାକୁ ଚାହିଁଥିଲେ। ତେବେ ପୁରୀ ଛାତ୍ର ବିଜେଡି ସଭାପତି ରାଜେଶ ରଥ ସମ୍ପୃକ୍ତ ବୈଠକକୁ ବିଜେଡି ଛାତ୍ରନେତାମାନଙ୍କୁ ନିମନ୍ତ୍ରଣ କରି ନ ଥିବା ଅଭିଯୋଗ ହୋଇଛି। ଦଳରେ ଅଣଦେଖା କରାଯାଉଥିବା କଥା କହି ଅନେକ ଛାତ୍ରନେତା ଜିଲା ଛାତ୍ର ସଭାପତି ରଥଙ୍କ ବିରୋଧରେ ସୋସିଆଲ୍ ମିଡ଼ିଆରେ ମୁହଁ ଖୋଲିଥିବା ଦେଖିବାକୁ ମିଳିଛି। ରଥ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ ଓ ପରେ ତାଙ୍କୁ ଦଳୀୟ ସଭାପତି ଦାୟିତ୍ୱ ମିଳିଥିଲା। ଯାହାକି ଆଦୌ ଗ୍ରହଣୀୟ ନୁହେଁ ବୋଲି ସୋସିଆଲ୍ ମିଡିଆରେ ପୋଷ୍ଟ ହୋଇଛି। ପୂର୍ବତନ ଛାତ୍ର ବିଜେଡି ନଗର ସଭାପତି ରାଜେଶ ରଣା କହିଛନ୍ତି ଯେ, ମହେଶ୍ୱର ମହାନ୍ତିଙ୍କ ନେତୃତ୍ୱ ଉପରେ ଆମେ ଭରସା କରି ରହିଥିଲେ ମଧ ଜିଲା ଛାତ୍ର ବିଜେଡି ସଭାପତି କାହାକୁ ଗୁରୁତ୍ୱ ଦେଉନାହାନ୍ତି। ମନମୁଖୀ ଭାବେ ନିଷ୍ପତ୍ତି ନେଉଥିବା ବେଳେ ଦଳର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଅବହେଳା କରୁଛନ୍ତି। ଛାତ୍ର ବିଜେଡି ସଙ୍ଗଠନକୁ ପୁରୀ ସହରରେ ବଞ୍ଚାଇବାକୁ ହେଲେ, ରଥ ତୁରନ୍ତ ଇସ୍ତଫା ଦେବା ଉଚିତ୍। ଅନ୍ୟପକ୍ଷରେ ଏନେଇ ରାଜେଶ ମିଶ୍ରଙ୍କୁ ପଚରାଯିବାରୁ ସେ ଏଭଳି ଅଭିଯୋଗକୁ ଖଣ୍ଡନ କରିବା ସହ ଦଳରେ କୌଣସି କନ୍ଦଳ ନାହିଁ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ, ରଥ ଜିଲା ସଭାପତି ଦାୟିତ୍ୱ ନେବାର ଏକବର୍ଷ ବିତିସାରିଥିଲେ ମଧ ତାଙ୍କ ସାଙ୍ଗଠନିକ ଟିମ୍ ଘୋଷଣା ହୋଇପାରିନାହିଁ। ବିଜେଡିର ୨ ଗୋଷ୍ଠୀ ମଧ୍ୟରେ ଥିବା କନ୍ଦଳ ଯୋଗୁ ଟିମ୍ ଘୋଷଣା ହୋଇପାରୁ ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com



@ ରାଜେନ୍ଦ୍ର



@ ସୂର୍ଯ୍ୟ



@ ବିଷ୍ଣୁ



@ ଆଦ୍ୟାଶା



@ ସମୀର



@ ଅନୁଭବ



@ ସନ୍ଧ୍ୟାରାଣୀ

# ବସ୍ତିରେ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ୍‌ର ଆଡ୍ଡା

ଭୁବନେଶ୍ୱର,୯।୮(ବ୍ୟୁରୋ):

**୪ ଗିରଫ: ୨୦ ମୋବାଇଲ, ୫ ସୁନା ଚେନ, ୪ ବାଇକ ଜବତ**

ରାଜଧାନୀର ବସ୍ତିରେ ଆଡ୍ଡା ଜମାଇଥିବା ଏକ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ ଧରାପଡିଛି। ସୋମବାର ଖଣ୍ଡଗିରି ଅଞ୍ଚଳରୁ କମିଶନରେଟ୍ ପୋଲିସ ଗ୍ୟାଙ୍ଗ୍‌ର ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାଗଡ଼ ଜିଲା ଦଶପଲ୍ଲାର ରଞ୍ଜନ ପ୍ରଧାନ ଓରଫ ଗୁଡି(୨୩), କଟକ ବାଙ୍କୀର ସୁଶାନ୍ତ ବେହେରା(୨୨), ପୁରୀ ଜିଲା ବାଲିସାହିର ଚନ୍ଦନ ସାହୁ ଓରଫ କାଳିଆ(୨୫) ଓ ଖୋର୍ଦ୍ଧା ବେଗୁନିଆ ନୂଆ ସାହିର ସତ୍ୟଜିତ ପାତ୍ର(୨୩)। ପୋଲିସ ସେମାନଙ୍କ ନିକଟରୁ ୫ଟି ସୁନା ଚେନ୍, ୨୦ଟି ଦାମୀ ମୋବାଇଲ ଫୋନ୍ ଓ ୪ ବାଇକ ଜବତ କରିଛି। ଏମାନେ ଭୁବନେଶ୍ୱରର ବିଭିନ୍ନ ବସ୍ତିରେ ଘରଭଡା ନେଇ ରହିବା ସହ ସାରା ରାଜ୍ୟରେ ଗ୍ୟାଙ୍ଗ୍ ଚଳାଉଥିଲେ। ଏମାନଙ୍କ ନାମରେ ବିଭିନ୍ନ ଜିଲାରେ ୪୦ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରହିଛି। ଜେଲ୍‌ରୁ ଫେରି ପୁଣି ଚୋରି, ଲୁଟ୍ ଆଦି ବିଭିନ୍ନ ଅପରାଧ ଘଟାଉଥିବା ପୋଲିସ ସୂଚନା ଦେଇଛି। ଗତ ୧୦ଦିନ ମଧ୍ୟରେ ଅଭିଯୁକ୍ତମାନେ ରାଜଧାନୀର ବିଭିନ୍ନ ଥାନାଞ୍ଚଳରୁ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଲୁଟିଥିବା ଅଭିଯୋଗ ରହିଛି। ଏହି ଗ୍ୟାଙ୍ଗରେ ଆଉ କାହା ସମ୍ପୃକ୍ତି ରହିଛି, ଲୁଟ୍ ଜିନିଷ କେଉଁଠି ରଖିଛନ୍ତି ସେନେଇ ଖଣ୍ଡଗିରି ଥାନା ପୋଲିସ ଅଧିକ ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ପିପିଲି ଅଞ୍ଚଳର ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ସହ ବାଇକରେ ଯାଉଥିଲେ। ଜାଗମରା ନିକଟରେ ଦୁଇଜଣ ଦୁର୍ବୃତ୍ତ ବାଇକରେ ଆସି ତାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇଥିଲେ। ମହିଳା ଜଣକ ସ୍ୱାମୀଙ୍କ ସହ ଖଣ୍ଡଗିରି ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ପୋଲିସ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରା ଜବତ କରି ପୁରୁଣା ଅପରାଧୀଙ୍କୁ ଖୋଜିଥିଲା। ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡ ରଞ୍ଜନ ଓ କାଳିଆଙ୍କୁ ଚିହ୍ନଟ କରିଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଲିଙ୍ଗରାଜ ଥାନା ଅଞ୍ଚଳରୁ ପ୍ରଥମେ ରଞ୍ଜନଙ୍କୁ ଗିରଫ କରିଥିଲା। ପରେ ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କୁ ଗିରଫ କରିବା ସହ ଲୁଟ୍ ଜିନିଷ ଜବତ କରିଥିଲା।

### ଜେଲ୍‌ରୁ ଗଢିଥିଲେ ଗ୍ୟାଙ୍ଗ

ଗିରଫ ଅଭିଯୁକ୍ତମାନେ ଦୀର୍ଘଦିନ ହେବ ଲୁଟ୍, ଛିନତାଇ, ଚୋରି ଆଦି ଅପରାଧରେ ଲିପ୍ତ ରହିଛନ୍ତି। ନାବାଳକ ଥିବା ସମୟରୁ ହିଁ ଏମାନେ ଏହି ଅପରାଧ ଦୁନିଆରେ ପାଦ ଥାପି ସାରିଥିଲେ। ବିଭିନ୍ନ ସମୟରେ ଗିରଫ ହେଉଥିଲେ ମଧ ନାବାଳକ ହୋଇଥିବାରୁ ଖସି ଯାଉଥିଲେ। କିଛି ବର୍ଷପରେ ଭିନ୍ନ ଭିନ୍ନ ମାମଲାରେ ଗିରଫ ହୋଇ ରଞ୍ଜନ ଓ କାଳିଆ ଝାରପଡ଼ା ଜେଲ୍ ଯାଇଥିବାବେଳେ ଉଭୟଙ୍କ ମଧ୍ୟରେ ସମ୍ପର୍କ ଆରମ୍ଭ ହୋଇଥିଲା। ଜେଲରୁ ଥାଇ 'କାଳିଆ-ରଞ୍ଜନ' ଗ୍ୟାଙ୍ଗ ଆରମ୍ଭ କରିଥିଲେ। ଏଥିରେ ଅନ୍ୟ ସହଯୋଗୀଙ୍କୁ ମଧ ସାମିଲ କରିଥିଲେ। ଜେଲ୍‌ରୁ ହିଁ ଅପରାଧର ବ୍ଲୁ ପ୍ରିଣ୍ଟ କରୁଥିଲେ। ତେବେ ଜେଲରୁ ବାହାରିବା ପରେ ପ୍ରଥମେ ଗାଡି ଚୋରି କରିଥିଲେ। ଏହି ଚୋରା ଗାଡ଼ି ସାହାଯ୍ୟରେ ଗ୍ୟାଙ୍ଗର ସମସ୍ତ ସଦସ୍ୟ ରାଜ୍ୟ ସାରା ବୁଲି ଲୁଟ୍ କରୁଥିଲେ।

## ୨ ହାଇୱେ ଲୁଟେରାଙ୍କୁ ଗୋଡ଼ାଇ ଧରିଲା ପୋଲିସ

ଭୁବନେଶ୍ୱର,୯।୮(ବ୍ୟୁରୋ):

ଖଣ୍ଡଗିରି ଥାନା ପୋଲିସ ସୋମବାର ୨ଜଣ ହାଇୱେ ଲୁଟେରାଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିଛି। ସେମାନେ ହେଲେ ନୟାଗଡ଼ ଜିଲା ଫତେଗଡର ଅନିଲ କୁମାର ସ୍ୱାଇଁ ଓରଫ କବି(୩୦) ଓ ଖଣ୍ଡଗିରି ଥାନା ଡୁମୁଡୁମା ଅଞ୍ଚଳର କୁନା ପ୍ରଧାନ ଓରଫ ମଗୁ(୨୨)। ସେମାନଙ୍କ ନିକଟରୁ ପୋଲିସ ଗୋଟିଏ ଚୋରି କାର, ୩ଟି ଛୁରୀ ଓ ମୋବାଇଲ ଫୋନ ଜବତ କରିଛି। ସମ୍ପୃକ୍ତ ଅନ୍ୟ ଦୁଇଜଣ ଅଭିଯୁକ୍ତ ଫେରାର ହୋଇଥିବାରୁ ସେମାନଙ୍କୁ ଧରିବାକୁ ପୋଲିସ ଚଢ଼ାଉ ଜାରି ରଖିଛି। ସୂଚନ ଅନୁଯାୟୀ, ୧୬ ନଂ. ଜାତୀୟ ରାଜପଥରେ ଗାଡ଼ି ଅଟକାଇ ଲୋକଙ୍କୁ ଆକ୍ରମଣ କରି ଲୁଟୁଥିଲେ। ଏନେଇ ବିଭିନ୍ନ ସମୟରେ ଥାନାରେ ଅଭିଯୋଗ ହୋଇଆସୁଥିଲା। ରବିବାର ବିଳମ୍ବିତ ରାତିରେ ୪ଜଣ ହାଇୱେ ଲୁଟେରା ବାଇକ ଓ କାରରେ ଆସି ଆଇଗିଣିଆ ଓଭର ବ୍ରିଜ୍ ଉପରେ ଏକ ଟ୍ରକକୁ ଅଟକାଇ ଥିଲେ। ଡ୍ରାଇଭର ବେକରେ ଭୁଜାଲି ଲଗାଇ ୨୭ହଜାର ଟଙ୍କା ଓ ମୋବାଇଲ ଫୋନ ଛଡାଇ ନେଇଥିଲେ। ସେହିବାଟ ଦେଇ ଖଣ୍ଡଗିରି ଥାନାର ପିସିଆର-୧୬ ପାଟ୍ରୋଲିଂରେ ଯାଉଥିଲା। ଘଟଣା ଉପରେ ନଜରରେ ପଡ଼ିବା ପରେ ପାଟ୍ରୋଲିଂ ଟିମ୍ ଲୁଟେରାଙ୍କୁ ଗୋଡାଇ ୨ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ଅନ୍ୟ ୨ଜଣ ବାଇକରେ ଟଙ୍କା ନେଇ ଫେରାର ହୋଇଯାଇଥିଲେ।



## ଦାବି ପୂରଣ ନ ହେଲେ ୧୬ରେ ଆନ୍ଦୋଳନ

ପୁରୀ ଅଫିସ/ଖୋର୍ଦ୍ଧା ଅଫିସ, ୯।୮:

ଓଡ଼ିଶା ସ୍କୁଲ୍ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଆହ୍ୱାନକ୍ରମେ ୫ ଦଫା ଦାବି ନେଇ ସୋମବାର ପୁରୀ ଜିଲା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ସମସ୍ତ ଅନୁଦାନପ୍ରାପ୍ତ ବ୍ଲକ୍‌ଗ୍ରାଣ୍ଟ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ୭ମ ବେତନ କମିଶନ ଲାଗୁ କରିବା, ଯୋଗ୍ୟ ବିବେଚିତ ସମସ୍ତ ସ୍କୁଲ କଲେଜକୁ ଅନୁଦାନ ଦେବା, ଚାକିରି ସର୍ତ୍ତାବଳୀ ସହ ଅବସରକାଳୀନ ସୁବିଧା ସୁଯୋଗ ଯୋଗାଇବା, ଅବସର ବୟସ ସୀମାକୁ ୬୨ ବର୍ଷ ବୟସ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ଦାବି କରାଯାଇଛି ବୋଲି ଅଲଓଷ୍ଟା ରାଜ୍ୟ ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା କହିଛନ୍ତି। ଶିକ୍ଷକ ଓ କର୍ମଚାରୀମାନେ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଭା କରିଥିଲେ। ଶିକ୍ଷକ ନେତା ଅଧ୍ୟାପକ ସୁରେନ୍ଦ୍ର ଜେନା ଓ ପ୍ରାଥମିକ ସଂଘର ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା ପ୍ରମୁଖ ତୁରନ୍ତ ଦାବି ପୂରଣ ନ ହେଲେ ଆସନ୍ତା ୧୬ ତାରିଖରେ ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି କହିଥିଲେ। ଓଷ୍ଟାର ଜିଲା ସମ୍ପାଦକ ବିଚିତ୍ରାନନ୍ଦ ପାତ୍ର, ରାଜ୍ୟ ସଙ୍ଗଠନ ଆବାହକ ତଥା ଓଷ୍ଟା ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ଶିକ୍ଷା ପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି, ମିଳିତ ମଞ୍ଚ ଷ୍ଟିଅରିଂ କମିଟିର ଜ୍ୟୋତ୍ସ୍ନାରାଣୀ ବସ୍ତିଆ, ସୁରତ କୁମାର ସ୍ୱାଇଁ, ଅଲଓଷ୍ଟାର ଜିଲା ସଭାପତି ଅକ୍ଷୟ କୁମାର ରାୟସିଂହ, ସମ୍ପାଦକ କିଶୋର କୁମାର ମହାନ୍ତି, ଓଷ୍ଟା ଜିଲା ସଭାପତି କୃଷ୍ଣଚନ୍ଦ୍ର ଦାଶ, ମହେଶ୍ୱର ନାୟକ, ଲକ୍ଷ୍ମୀଧର ଉପାଧ୍ୟାୟ ଜିଲା ଓଷ୍ଟା ଉପଦେଷ୍ଟା ମହେନ୍ଦ୍ର କୁମାର ରଣସିଂହ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ୫ଦଫା ଦାବି ପୂରଣ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଓଷ୍ଟା ଖୋର୍ଦ୍ଧା ଜିଲା ସଭାପତି ସୁଧାକର ମହାପାତ୍ର, ୪୮୮ କଲେଜ ସଂଘ ଜିଲା ସଭାପତି ଦିଲୀପ ବେହେରା, ୬୬୨ କଲେଜ ସଂଘ ଜିଲା ସଭାପତି ତପନ ଜେନାଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷୟିତ୍ରୀ, ଶିକ୍ଷକ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଚୋର ଧରିଲେ ଗ୍ରାମବାସୀ

ତେଲାଙ୍ଗ,୯।୮(ଡି.ଏନ.ଏ.):ଚାରିଛକ ଫାଣ୍ଡି ଅନ୍ତର୍ଗତ ତୁଳସୀପୁର ଲକ୍ଷ୍ମୀବଜାରରେ ଥିବା ଏକ ରଡ, ସିମେଣ୍ଟ ଦୋକାନର କବାଟ ତାଲା ଭାଙ୍ଗି ଗତ ୧ତାରିଖରେ ଜଣେ ଦୁର୍ବୃତ୍ତ ଟଙ୍କା ବାକ୍ସରୁ ୧୫ହଜାର ଟଙ୍କା ଚୋରି କରି ନେଇଥିଲେ। ଦୋକାନ ସିସିଟିଭି ଫୁଟେଜରୁ ଜାଣିପାରି ସୋମବାର ଦୋକାନ ମାଲିକଙ୍କ ସମେତ ଗ୍ରାମବାସୀ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ସ୍ଥାନୀୟ ବିଶିଳପଡ଼ା ଗ୍ରାମ ନିକଟ ଏକ ସ୍କୁଲ ପାଖରୁ ଧରି ପୋଲିସ ଜିମା ଦେଇଥିଲେ। ଦୋକାନ ମାଲିକ ଲିଙ୍ଗରାଜ ସାହୁଙ୍କ ଅଭିଯୋଗକ୍ରମେ ନିମାପଡ଼ା ପୋଲିସ ଏ ସମ୍ପର୍କରେ ଏକ ମାମଲା(ନଂ.୨୮୪/୨୧) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସମ୍ପୃକ୍ତ ଅଭିଯୁକ୍ତ ହେଲେ ବଶିଳପଡ଼ା ନିକଟସ୍ଥ ଚଢ଼େଇଖିଆ ଗ୍ରାମର ତାଲିମ୍ ଖାଁ। ପୋଲିସ ତାଙ୍କୁ ଗିରଫ କରି ପଚରାଉଚରା ଚଳାଇଛି। ସେ ପୂର୍ବରୁ ମଧ ବହୁ ଆପରାଧିକ ମାମଲାରେ ଜଡ଼ିତ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ସେପ୍ଟେମ୍ବର ୪ରୁ ହେବ ପ୍ରାୟୋଜନାଭିତ୍ତିକ ନାଟ୍ୟ କର୍ମଶାଳା

ଭୁବନେଶ୍ୱର, ୯।୮ (ବ୍ୟୁରୋ)- ନାଟ୍ୟସଂସ୍ଥା ଉତ୍ତରପୁରୁଷ ପକ୍ଷରୁ ସେପ୍ଟେମ୍ବର ୪ରୁ ପ୍ରାୟୋଜନାଭିତ୍ତିକ ନାଟ୍ୟ କର୍ମଶାଳା ଆରମ୍ଭ ହେବ। ଏହା ୨୫ ତାରିଖ ଯାଏ ଚାଲିବ। ନାଟ୍ୟଗୁରୁ ଚୌଧୁରୀ ଜୟପ୍ରକାଶ ଦାସ ନାଟକର ବିଭିନ୍ନ ମୌଳିକ ଦିଗ ଉପରେ ଶିକ୍ଷାଦାନ କରିବେ। ସଂଗୀତ, ନୃତ୍ୟ, ମେକାପ, ସଂଳାପ ଓ ଅଭିନୟର ବିଭିନ୍ନ ଦିଗ ଉପରେ ବିଶେଷଜ୍ଞମାନେ ଶିକ୍ଷାଦାନ କରିବେ। ଏହି କର୍ମଶାଳା ସନ୍ଧ୍ୟା ୬.୩୦ ରୁ ୯.୩୦ ପର୍ଯ୍ୟନ୍ତ ଚାଲିବ ବୋଲି ଉତ୍ତରପୁରୁଷର ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର ସୂଚନା ଦେଇଛନ୍ତି। କର୍ମଶାଳାରେ ଯୋଗଦାନ କରିବାକୁ ଅନୁଷ୍ଠାନ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

# ପୁନଃ ନିଯୁକ୍ତି ଦାବିରେ କମ୍ପ୍ୟୁଟର ଶିକ୍ଷକଙ୍କ ସମୂହ ଆତ୍ମାହୁତି ଉଦ୍ୟମ

**ଓସେପା କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତେଜନା**

- ଧସ୍ତାଧସ୍ତିବେଳେ ଥାନାଧିକାରୀ ଆହତ
- ୧୪ଜଣଙ୍କୁ କୋର୍ଟଚାଲାଣ
- ଆମରଣ ଅନଶନ ଜାରି

ଭୁବନେଶ୍ୱର, ୯।୮ (ବ୍ୟୁରୋ)

ପୁନଃ ନିଯୁକ୍ତି ଦାବିରେ ଛଟେଇ କମ୍ପ୍ୟୁଟର ଶିକ୍ଷକମାନେ ସୋମବାର ଓଡ଼ିଶା ସ୍କୁଲ୍ ଏଜୁକେଶନ ପ୍ରୋଗ୍ରାମ ଅଥରିଟି (ଓସେପା) କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ଦୁଇବର୍ଷ ହେବ ବିନା କାରଣରେ ସରକାର ଛଟେଇ କରିଥିବା ସେମାନେ ଅଭିଯୋଗ ଆଣି ଶେଷରେ ସମୂହ ଫିନାଇଲ ଓ କିରୋସିନ ପିଇ ଆତ୍ମାହୁତି କରିବାକୁ ଉଦ୍ୟମ କରିଥିଲେ। ସେମାନଙ୍କୁ କାବୁ କରିବାକୁ ଯାଇ ପୋଲିସକୁ ନାକେଦମ୍ ହେବାକୁ ପଡିଥିଲା। ଏହି ସମୟରେ ଶିକ୍ଷକ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିବାବେଳେ ଘଟଣାସ୍ଥଳରେ ଦୀର୍ଘ ସମୟ ଧରି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଧସ୍ତାଧସ୍ତିବେଳେ କ୍ୟାପିଟାଲ ଥାନା ଅଧିକାରୀ ଆହତ ହୋଇଥିବା ଭୁବନେଶ୍ୱର ଡିସିପି ଉମାଶଙ୍କର ଦାସ ସୂଚନା ଦେଇଛନ୍ତି। ଆନ୍ଦୋଳନରତ କମ୍ପ୍ୟୁଟର ଶିକ୍ଷକଙ୍କୁ ପୋଲିସ ଗିରଫ କରିଛି। ୧୪ଜଣ ଶିକ୍ଷକଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଅନ୍ୟମାନଙ୍କୁ ଛାଡ଼ି ଦିଆଯାଇଥିଲା। ଏହାସତ୍ତ୍ୱେ ସମ୍ପୃକ୍ତ ଶିକ୍ଷକମାନେ ନିଜ ଜିଦ୍‌ରେ ଅଟଳ ରହି ସେଠାରେ ଆମରଣ ଅନଶନ ଜାରି ରଖିଛନ୍ତି।

ରାଜ୍ୟର ୪ହଜାର ଛଟେଇ କମ୍ପ୍ୟୁଟର ଶିକ୍ଷକଙ୍କ ପୁନଃନିଯୁକ୍ତି ନିମନ୍ତେ ଇଣ୍ଟିଗ୍ରେଟେଡ୍ କମ୍ପ୍ୟୁଟର ଟିଚର (ଆଇସିଟି) ବିଦ୍ୟାଳୟ ସଂଯୋଜକ ସଂଘ ବାରମ୍ବାର ସରକାରଙ୍କ ନିକଟରେ ଦାବି କରିବା ସହ ଆନ୍ଦୋଳନ ଜାରି ରଖିଛି। ଏନେଇ ସଂଘ କହିଛି, ଦାବି ପ୍ରତି ସରକାର କୌଣସି ପଦକ୍ଷେପ ନ ନେବାରୁ ବାଧ୍ୟହୋଇ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲୁ। ହାଇକୋର୍ଟ ଆମ ସପକ୍ଷରେ ରାୟ ଦେବାର ଦୁଇମାସ ବିତି ଯାଇଥିଲେ ମଧ୍ୟ ସରକାର ଏ ପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେଲେ ନାହିଁ। ଏହାପରେ ସଂଘ ଶିକ୍ଷାମନ୍ତ୍ରୀ, ସଚିବ, ଓସେପା ନିର୍ଦ୍ଦେଶକଙ୍କୁ ଭେଟି ପୁନଃ ନିଯୁକ୍ତି ନିମନ୍ତେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଲିଖିତ ଦାବି ଜଣାଇ ସମୟ ଦେଇଥିଲୁ। କିନ୍ତୁ ୭ଦିନ ବିତି ଯାଇଥିଲେ ମଧ୍ୟ ସରକାର ଆମ କଥା କର୍ଣ୍ଣପାତ କଲେନାହିଁ। ଫଳରେ ଶିକ୍ଷକମାନେ ବାଧ୍ୟହୋଇ ସୋମବାରଠାରୁ ଆମରଣ ଅନଶନ, କଳା ବ୍ୟାଚ୍ ପରିଧାନ କରି ଆନ୍ଦୋଳନ କରିବା ଓ ସମସ୍ତେ ଆତ୍ମାହୁତି ଦେବା ପାଇଁ ନିଷ୍ପତ୍ତି ନେଇଥିଲେ।

ସେପଟେ ଓଡ଼ିଶା ଅଭିଭାବକ ମହାସଂଘ ଗିରଫ ଶିକ୍ଷକଙ୍କୁ ଭେଟି ଆମରଣରୁ ଉଠିବା ପାଇଁ ପରାମର୍ଶ ଦେଇଥିଲା। କିନ୍ତୁ ସେମାନେ ଦାବି ପୂରଣ ନ ହେବା ଯାଏ ଏହି ଆନ୍ଦୋଳନ ଜାରି ରଖିବେ ବୋଲି କହିଛନ୍ତି। ଏ ନେଇ ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ କହିଛନ୍ତି ଯେ, ସ୍କୁଲରେ ପିଲାଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ ବିନା ଗୁଣାତ୍ମକ ଶିକ୍ଷାର ପରିକଳ୍ପନା କରିବା ଅସମ୍ଭବ। ତେଣୁ ସରକାରଙ୍କୁ ପୁନଃ ନିଯୁକ୍ତି ପାଇଁ ଆମେ ଦାବି କରିଛୁ।




ଛଟେଇ ହୋଇଥିବା କମ୍ପ୍ୟୁଟର ଶିକ୍ଷୟିତ୍ରୀ ଓ ଶିକ୍ଷକ ଆନ୍ଦୋଳନ ସ୍ଥଳରେ ଫିନାଇଲ ପିଇବାକୁ ଉଦ୍ୟମ କରୁଛନ୍ତି।




ଜଣେ ମହିଳା ଆନ୍ଦୋଳନକାରୀଙ୍କୁ ପୋଲିସ ଉଠାଇ ନେଉଛି। ଧସ୍ତାଧସ୍ତିବେଳେ ତଳେ ପଡ଼ିଯାଇଥିବା କ୍ୟାପିଟାଲ ଥାନାଧିକାରୀ।

### ଏସ୍‌ସିବିରେ ଚିକିତ୍ସା ଅବହେଳାକୁ ନେଇ ଦାବିପତ୍ର

କଟକ ଅଫିସ,୯।୮

କଟକ ଏସ୍‌ସିବି ମେଡିକାଲରେ ଅସହାୟ, ନିରାଶ୍ରୟ ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦେବା ପାଇଁ ସ୍ୱତନ୍ତ୍ର ୱାର୍ଡ ରହିଛି। ଉକ୍ତ ୱାର୍ଡ ପାଇଁ ସରକାର ବ୍ୟାପକ ଅର୍ଥ ବ୍ୟୟ କରୁଥିବା ସତ୍ତ୍ୱେ ଅସହାୟ, ନିରାଶ୍ରୟ ରୋଗୀଙ୍କୁ ଠିକ୍ ଚିକିତ୍ସା ଯୋଗାଇ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଏପରିକି ଅଧିକାରୀ ଓ କର୍ମଚାରୀମାନେ ରୋଗୀଙ୍କ ପ୍ରତି ଧ୍ୟାନ ଦେଉ ନାହାନ୍ତି। ଏପରି ହେବା ଦ୍ୱାରା ରୋଗୀଙ୍କ ସଂକ୍ରମଣ ବୃଦ୍ଧି ପାଉଛି। ରୋଗୀଙ୍କୁ ଠିକ୍ ସମୟରେ ଔଷଧ ଆଦି ନ ମିଳିବାରୁ ସେମାନେ ମୃତ୍ୟୁମୁଖରେ ପଡୁଛନ୍ତି। ଏହାଦ୍ୱାରା ରୋଗୀଙ୍କ ମାନବାଧିକାର କ୍ଷୁଣ୍ଣ ହେଉଛି ବୋଲି ମୋ କଟକ ସୁରକ୍ଷା ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ଏଭଳି ସବୁ ବିଭିନ୍ନ ଦାବି ନେଇ ମଞ୍ଚ ପକ୍ଷରୁ ମେଡିକାଲ ଅଧକ୍ଷା ଲୁସି ଦାସଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିସହ ସେବାରେ ଅବହେଳା କରୁଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରାଯାଇଛି।

### ମୋବାଇଲ ଚୋରି, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୯।୮(ବ୍ୟୁରୋ)

ମୋବାଇଲ ଫୋନ ଚୋରି ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ନୟାପଲ୍ଲୀ ଥାନା ଜୟଦବ ବିହାର ଭାଗବତୀ ମନ୍ଦିର ନିକଟରେ ରହୁଥିବା ସୁକମଣୀ ବିଗାଲ(୨୨)। ବୁଧବାର ରାତିରେ ପଟିଆ ଚାରୁକଳା ଏନ୍‌କ୍ଲେଭ୍‌ରେ ରହୁଥିବା ଦିଲୀପ କୁମାର ପାଣିଗ୍ରାହୀଙ୍କ ଘରୁ ସୁକମଣୀ ମୋବାଇଲ ଚୋରି କରି ନେଇଯାଇଥିବା ଅଭିଯୋଗ ହୋଇଥିଲା।

# କପାସି ଭାଜପା ମଣ୍ଡଳ ସଭାପତି ଗିରଫ

ନିଆଳି,୯।୮(ଡି.ଏନ୍.ଏ)

**ସୁରେନ୍ଦ୍ର ନାୟକ ହତ୍ୟା ଘଟଣା**

- ଗିରଫ ପ୍ରତିବାଦରେ ଥାନା ଆଗରେ କର୍ମୀଙ୍କ ଧାରଣା
- ଭାଜପା-ବିଜେଡି କର୍ମୀ ମୁହାଁମୁହିଁ

ସୁରେନ୍ଦ୍ର ନାୟକ ହତ୍ୟା ମାମଲାରେ ନିଆଳି ଥାନା ଅନ୍ତର୍ଗତ କପାସି ପଞ୍ଚାୟତର ଭାଜପା ମଣ୍ଡଳ ସଭାପତି ସଂଗ୍ରାମ ଲେଙ୍କାଙ୍କୁ ସୋମବାର ପୋଲିସ ଗିରଫ କରିଛି। ତେବେ ଏହି ଗିରଫଦାରୀର ପ୍ରତିବାଦ କରି ନିଆଳି ନିର୍ବାଚନମଣ୍ଡଳୀର ଭାଜପା ନେତା ଛବି ମଲ୍ଲିକଙ୍କ ନେତୃତ୍ୱରେ କର୍ମୀମାନେ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। କଟକ ଗ୍ରାମାଞ୍ଚଳ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଲେଖ ଚନ୍ଦ୍ର ପହି ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରି ୧୦ଦିନ ମଧ୍ୟରେ ଘଟଣାର ତଦନ୍ତ କରି ପଦକ୍ଷେପ ନିଆଯିବ ପାଇଁ ପ୍ରତିଶ୍ରୁତି ଦେବାପରେ ସନ୍ଧ୍ୟା ୭ଟାରେ ଧାରଣା ପ୍ରତ୍ୟାହୃତ ହୋଇଛି। ପୋଲିସ ସୂଚନା ମୁତାବକ, ୨୦୧୭ରେ ପୋଦନା ଗ୍ରାମର ସୁରେନ୍ଦ୍ରଙ୍କୁ ହତ୍ୟା କରାଯାଇଥିଲା। ସଂଗ୍ରାମ ୫୪ନଂ. ଅଭିଯୁକ୍ତ ଭାବେ ଥିଲେ। କୋର୍ଟ ନିର୍ଦ୍ଦେଶ ହେବା ପରେ ପୋଲିସ ଗିରଫ କରିଛି। ହେଲେ ଭାଜପା ଅଭିଯୋଗ କରିଛି, ପୋଲିସ ଏକ ରାଜନୈତିକ ଦଳର ନେତାଙ୍କ ହାତବାରିସି ସାଜି ଏଠାରେ କାମ କରୁଛି। ଅନ୍ୟ ଅଭିଯୁକ୍ତମାନେ ବୁଲୁଥିବାବେଳେ ୫୪ନଂ. ଅଭିଯୁକ୍ତ ସଂଗ୍ରାମଙ୍କୁ ଗିରଫ କରିଛି। ତୁରନ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ନିଆଳି ଥାନା ଆଇଆଇସିଙ୍କୁ ବଦଳି ଦାବି କରିଥିଲା। ଅନ୍ୟପଟେ ବିଜେଡିର କେତେଜଣ କର୍ମୀ ଥାନା ପରିସରରେ ପହଞ୍ଚି ଭାଜପା କର୍ମୀମାନଙ୍କୁ ଗାଳିଗୁଲଜ କରିଥିଲେ। ଫଳରେ କିଛି ସମୟ ପାଇଁ ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟରେ ୨/୩ ଥର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ଭାଜପା ନେତା ଛବି ମଲ୍ଲିକ ଅସନ୍ତୋଷ ବ୍ୟକ୍ତ କରି କହିଥିଲେ, ଯଦି ବର୍ତ୍ତମାନ ଗୋଷ୍ଠୀକନ୍ଦଳ ସୃଷ୍ଟି ହୁଏ ତେବେ ସେଥିପାଇଁ ନିଆଳି ପୋଲିସ ଦାୟୀ ରହିବ। ପରେ ସଦର ଏସ୍‌ଡିପିଓ ସୁବାସ ଚନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶରେ ଥାନା ସମ୍ମୁଖରୁ ବିଜେଡି କର୍ମୀଙ୍କୁ ହଟାଇବାକୁ ଉଦ୍ୟମ କରାଯାଇଥିଲା। ଧାରଣାରେ ଭାଜପା ନେତା ତଥା ପୂର୍ବତନ ଏମ୍‌ପି ବିଷ୍ଣୁପ୍ରସାଦ ତରାଇ, ତ୍ରିଲୋଚନ ବେହେରା, ସନ୍ତୋଷ ବିଶ୍ୱାଳ, ମଧୁସ୍ମିତା ମଲ୍ଲିକ୍, ସାହାବ ମଲ୍ଲିକ୍, ପ୍ରଭାତ ଜେନା, ସେକ ହସନଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ସାମାଜିକ କାର୍ଯ୍ୟକ୍ରମରେ ୩ଶହ ଲୋକଙ୍କୁ ଅନୁମତି ମିଳୁ

**ଟେଣ୍ଟ, କ୍ୟାଟରର, ଫ୍ଲାୱାର, ଲାଇଟ୍‌ସ ଆଣ୍ଡ ସାଉଣ୍ଡ୍ ଆସୋସିଏଶନର ବିକ୍ଷୋଭ**

ଭୁବନେଶ୍ୱର,୯।୮(ବ୍ୟୁରୋ)

ବିବାହ, ବ୍ରତ, ଶୁଦ୍ଧିଘର ଆଦି ସାମାଜିକ କାର୍ଯ୍ୟକ୍ରମରେ ୨୫ ବଦଳରେ ୩ଶହ ଲୋକଙ୍କୁ ଅନୁମତି ଦାବି କରି ଅଲ୍ ଓଡ଼ିଶା ଟେଣ୍ଟ, କ୍ୟାଟରର, ଫ୍ଲାୱାର, ଲାଇଟ୍‌ସ ଆଣ୍ଡ ସାଉଣ୍ଡ୍ ଆସୋସିଏଶନ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି। ରାସ୍ତା ଉପରେ ଗ୍ୟାସ୍ ଚୁଲା, କଡ଼େଇ, ହାଣ୍ଡି ଆଦି ବିଭିନ୍ନ କ୍ୟାଟରିଂ ସାମଗ୍ରୀ ରଖି ଅଭିନବ ପ୍ରତିବାଦ କରିଛନ୍ତି। ସଂଘ ସଭାପତି ବିନୟ ଭୂଷଣ ପଟ୍ଟନାୟକ କହିଛନ୍ତି, କ୍ୟାଟରିଂ ସଂସ୍ଥା ଚଳାଉଥିବା ମାଲିକ ଓ କର୍ମଚାରୀ ଦୁଇବର୍ଷ ହେବ ରୋଜଗାର ହରାଇଛନ୍ତି। ଏହା ଉପରେ ରାଜ୍ୟର ୨୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରୁଥିବାବେଳେ ମାତ୍ରାଧିକ କଟକଣା ଯୋଗୁ ସେମାନଙ୍କ ପରିବାର ନାନା ଦୁର୍ଦ୍ଦିନରେ ଗତି କରୁଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ଦାବିପତ୍ର ଦିଆଯାଇଛି। ଦ୍ୱାରିକାନାଥ ପଣ୍ଡା, ପ୍ରବୋଧ ଦାଶ, ଦେବୀ ରଥ, ପ୍ରଦୀପ ଭଞ୍ଜ, ଜଗନ ଜେନା, ବିଭୂତି ଭୂଷଣ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।




# ଫିକା ପଡ଼ିଗଲା ପାର୍ବଣ ଉତ୍ସାହ

**ଦୁଇବର୍ଷ ହେବ ଭକ୍ତ ଓ ଭଗବାନଙ୍କ ମଧ୍ୟରେ କରୋନା ମହାମାରୀ ପ୍ରାଚୀର ହୋଇ ଠିଆ ହୋଇଛି। ଗତବର୍ଷଠାରୁ ମନ୍ଦିର ପ୍ରବେଶ ଓ ପୂଜାପର୍ବ ପାଳନ ଉପରେ କଟକଣା ରହିଛି। ଧୀରେ ଧୀରେ ସ୍ଥିତି ସୁଧୁରୁଥିବାବେଳେ ବିଭିନ୍ନ ଜିଲାରେ ମନ୍ଦିର ଓ ଧର୍ମାନୁଷ୍ଠାନ ଖୋଲିବାରେ ଲାଗିଛି। ଏପରିସ୍ଥିତିରେ ପାର୍ବଣକୁ ନେଇ ଆୟୋଜକ, ବ୍ୟବସାୟୀ ଓ ଶ୍ରଦ୍ଧାଳୁ ଉତ୍କଣ୍ଠାର ସହ ଚାହିଁ ରହିଥିଲେ। ଏବର୍ଷ ଧୁମ୍‌ଧାମ୍‌ରେ ପୂଜାପର୍ବ ପାଳନ କରିବାକୁ ସମସ୍ତେ ଆଶାବାନ୍ଧି ବସିଥିଲେ। ଏଥିପାଇଁ ସରକାରଙ୍କ ଅନୁମତିକୁ ଉତ୍ସାହର ସହ ଅପେକ୍ଷା କରିଥିଲେ। ତେବେ ସୋମବାର ଗଣେଶ ପୂଜା, ଦୁର୍ଗାପୂଜା, ଲକ୍ଷ୍ମୀପୂଜା ଓ କାଳୀପୂଜାକୁ ଅନୁମତି ମିଳିଥିଲେ ମଧ୍ୟ ଭକ୍ତଙ୍କୁ ଦର୍ଶନରୁ ବଞ୍ଚିତ କରାଯାଇଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ପୂଜା କମିଟି, ବ୍ୟବସାୟୀ, ଶ୍ରଦ୍ଧାଳୁମାନେ କିପରି ଗ୍ରହଣ କରୁଛନ୍ତି ତାହାକୁ ନେଇ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା।**

### ନିଷ୍ପତ୍ତି, ଗାଇଡ୍‌ଲାଇନ୍‌କୁ ସ୍ୱାଗତ



ସରକାରଙ୍କ ପକ୍ଷରୁ ଜାରି ପାର୍ବଣ ଗାଇଡ୍‌ଲାଇନକୁ ସ୍ୱାଗତ କରୁଛି। ନୟାପଲ୍ଲୀ ଦୁର୍ଗାପୂଜା ସମିତି ଏହାକୁ ମାନି ଚଳିତବର୍ଷ ଯଥାରୀତିରେ ମା’ ଦୁର୍ଗତିନାସିନୀଙ୍କ ପୂଜା କରିବ। ସରକାର ଆମ ଜୀବନ ସୁରକ୍ଷାକୁ ଗୁରୁତ୍ୱ ଦେଇ କେତେକ କଟକଣା ଲଗାଇଛନ୍ତି। ତେଣୁ ଆମେ ସମସ୍ତେ ଏହାକୁ ପାଳନ କରି ନିଜକୁ ସୁରକ୍ଷିତ ରଖିବା ଉଚିତ୍। ଆଶା କରୁଛୁ ମା’ ଦୁର୍ଗେ ଭକ୍ତଙ୍କୁ ନିଶ୍ଚିତ ରକ୍ଷା କରି ଆଗାମୀ ବର୍ଷ ଧୁମଧାମରେ ପୂଜାକୁ ପାଳନ କରିବାକୁ ଆମକୁ ଶକ୍ତି ଓ ଆୟୁ ପ୍ରଦାନ କରିବେ।

**-ପବିତ୍ର ମୋହନ ବେହେରା, ସଭାପତି, ନୟାପଲ୍ଲୀ ଦୁର୍ଗାପୂଜା ସମିତି**

### ମୂର୍ତ୍ତି ଛୋଟ ହେବା ବେଢି ଉପରେ କୋରଡା ମାଡ଼



ସରକାର ଅନୁମତି ଦେଇ ମାତ୍ରାଧିକ କଟକଣା ଲଗାଇଛନ୍ତି। ମୂର୍ତ୍ତି ଉଚ୍ଚତା ୪ଫୁଟରୁ କମ୍ କରିବା ଆଦୌ ଗ୍ରହଣୀୟ ନୁହେଁ। ମୂର୍ତ୍ତି ଛୋଟ ହେଲେ କରୋନା କମିବନି କିମ୍ବା ବଡ଼ ହେଲେ କରୋନା ଆସିବନି। ସମସ୍ତ ମଣ୍ଡପରେ ମୂର୍ତ୍ତି ଅନୁଯାୟୀ ଆଭୂଷଣଠାରୁ ଆରମ୍ଭ କରି ତାହାର ସାଜସଜ୍ଜା ସାମଗ୍ରୀ ଗଚ୍ଛିତ ରହିଛି। ଛୋଟ ମୂର୍ତ୍ତି କଲେ ନୂଆ ଆଭୂଷଣ ଏବଂ ଅନ୍ୟାନ୍ୟ ସାମଗ୍ରୀ ଦରକାର ପଡିବ। ଦୁଇବର୍ଷ ହେବ ପୂଜା ପାଇଁ କୌଣସି ଅର୍ଥ ସଂଗ୍ରହ ହୋଇନାହିଁ। ଏଭଳି ପରିସ୍ଥିତିରେ ସବୁକିଛି ନୂଆ କିଣିବା ବେଢି ଉପରେ କୋରଡା ମାଡ ଭଳି ଲାଗୁଛି।

**-ସଂଗ୍ରାମ କେଶରୀ ସାହୁ, ସଭାପତି, ରବିଟକିଜ୍ ବ୍ୟବସାୟୀ ସଂଘ**

### କଟକଣା ମାନିବୁ, ଭକ୍ତଙ୍କ ପାଇଁ ଲାଇଭ୍ ପ୍ରସାରଣ ହେବ



ସରକାରଙ୍କ କଟକଣା ମାନି ପୂଜା ଆୟୋଜନ କରିବୁ। ଗତବର୍ଷଠାରୁ ଏବର୍ଷ କରୋନାର ଭୟାବହତା ବହୁ ଅଧିକ ରହୁଛି। ମହାମାରୀରେ ଆମେ ସମସ୍ତେ ନିଜ ଲୋକ ଓ ସମ୍ପର୍କୀୟଙ୍କୁ ହରାଇଛେ। ତେଣୁ ସମସ୍ତେ ସୁରକ୍ଷିତ ରହି ପୂଜା ପାଳନ କରିବା। ତେବେ ଭକ୍ତଙ୍କ ପାଇଁ ଆମେ ମା’ ଦୁର୍ଗାଙ୍କ ପୂଜାର ଲାଇଭ୍ ପ୍ରସାରଣ କରିବୁ।

**-ନାରାୟଣ ମହାପାତ୍ର, ସମ୍ପାଦକ, ଶହୀଦନଗର ଦୁର୍ଗାପୂଜା ସମିତି**

### ଅନୁମତି ମିଳିବା ଖୁସିର କଥା, ଭକ୍ତଙ୍କ ପାଇଁ ଦୁଃଖ ଲାଗୁଛି



କରୋନା ମହାମାରୀ ପାଇଁ ପ୍ରାୟ ଦୁଇବର୍ଷ ହେବ ଆମେ ସମସ୍ତେ ବହୁ ସମସ୍ୟାର ସମ୍ମୁଖୀନ ହେଉଛୁ। ଏଭଳି ସ୍ଥିତିରେ ପର୍ବ ପାଳିବା ପାଇଁ ସରକାର ଅନୁମତି ଦେବା ନିଶ୍ଚିତ ପକ୍ଷେ ପ୍ରଶଂସନୀୟ ଓ ଖୁସିର କଥା। ତେବେ ବିନା ଭକ୍ତରେ ପୂଜା ପାଇଁ ନିର୍ଦ୍ଦେଶ ରହିଥିବାରୁ ଦୁଃଖ ଲାଗୁଛି। ଯଦି ସରକାର କଟକଣାରେ ଭକ୍ତଙ୍କୁ ଦର୍ଶନ ପାଇଁ ଅନୁମତି ପ୍ରଦାନ କରିଥାନ୍ତେ ତେବେ ଭଲ ହୋଇଥାନ୍ତା।

**-ରାମଚନ୍ଦ୍ର ରଣସିଂହ, ସଭାପତି, ବରମୁଣ୍ଡା ଦୁର୍ଗାପୂଜା କମିଟି**

### ସରକାରଙ୍କ ଗାଇଡ୍‌ଲାଇନ୍ ଅସନ୍ତୁଷ୍ଟ କରିଛି



ରାଜ୍ୟରେ କରୋନା ସଂକ୍ରମଣ ଏବେ ନିୟନ୍ତ୍ରଣାଧୀନ ରହିଥିବାରୁ ଚଳିତବର୍ଷ ପୂଜା ଧୁମ୍‌ଧାମ୍‌ରେ ହେବ ବୋଲି ଆଶା କରିଥିଲୁ। ମାତ୍ର ସରକାରଙ୍କ ଏଭଳି ନିଷ୍ପତ୍ତି ଆମକୁ ଅସନ୍ତୁଷ୍ଟ କରିଛି। ତେବେ ଗାଇଡ୍‌ଲାଇନ୍ ଜାରି ହୋଇଥିବାରୁ ଏହାକୁ ପାଳିବାକୁ ବାଧ୍ୟ। ଗଣେଶପୂଜାଠାରୁ କାଳିପୂଜା ସବୁକିଛି ନିରାଡମ୍ବରରେ କରାଯିବ।

**-ଗଣେଶ ପ୍ରସାଦ ସାହୁ, ସଭାପତି, ସାର୍ବଜନୀନ ଦୁର୍ଗାପୂଜା ସମିତି, ପୁରୁଣା ଷ୍ଟେଶନ ବଜାର**

### କଟକଣାରେ ଭକ୍ତଙ୍କୁ ଅନୁମତି ମିଳୁ



ସରକାରଙ୍କ କଟକଣା ମାନିବାକୁ ପଡ଼ିବ। ପୂଜା କରିବାକୁ ଅନୁମତି ମିଳିଛି ତାହା ହିଁ ବଡ଼ କଥା। ସମସ୍ତ ପର୍ବ ସୁରୁଖୁରୁରେ ପାଳନ କରାଯିବା ପାଇଁ ବୈଠକ ବସି ନିଷ୍ପତ୍ତି ହେବ। ଗତଥର ମଧ୍ୟ ଭକ୍ତମାନେ ମା’ଙ୍କ ଦର୍ଶନରୁ ବଞ୍ଚିତ ହୋଇଥିଲେ। ଏବର୍ଷ କଟକଣାରେ ଭକ୍ତମାନଙ୍କୁ ଦର୍ଶନର ଅନୁମତି ମିଳିଥିଲେ ଭଲ ହୋଇଥାନ୍ତା।

**-ବସନ୍ତ କୁମାର ମହାନ୍ତି, ପୂର୍ବତନ ସମ୍ପାଦକ, ଗଙ୍ଗନଗର ଦୁର୍ଗାପୂଜା କମିଟି**

### ମୂର୍ତ୍ତି ନିର୍ମାଣରେ କଟକଣା ରଖା ନ ଯାଉ



କଟକ ହେଉଛି ହଜାରେ ବର୍ଷର ପୁରାତନ ଓ ପରମ୍ପରାର ସହର। ଆମର ୨ଟି ଦାବି ରହିଛି। ପ୍ରଥମତଃ କଟକ ସହରରେ ମୂର୍ତ୍ତି ନିର୍ମାଣରେ କଟକଣା ରଖା ନ ଯାଉ। ଦ୍ୱିତୀୟତଃ ପରମ୍ପରା ଅନୁଯାୟୀ ପୁରୀଘାଟରେ ପୂର୍ବଭଳି ମୂର୍ତ୍ତି ବିସର୍ଜନ ପାଇଁ ଅନୁମତି ଦିଆଯାଉ। କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ନାହିଁ କି ପୂଜାମଣ୍ଡପକୁ ଭୋଗ ଆସିବ ନାହିଁ। ସମସ୍ତ ନିୟମରେ ଆମେ ସହମତ। କିନ୍ତୁ ପ୍ରଶାସନ ଆମର ଉକ୍ତ ଦାବିକୁ ଗ୍ରହଣ କରୁ।

**-ପ୍ରଫୁଲ୍ଲ କୁମାର ସାହୁ, ସମ୍ପାଦକ ପୂର୍ବାଞ୍ଚଳ ଶାନ୍ତି କମିଟି, କଟକ**

### କ୍ଲବ୍‌ରେ ଗଣେଶ ପୂଜା କରିବା ସମ୍ଭବ ନୁହେଁ



ପୂଜା ପାଇଁ ଅନୁମତି ମିଳିଥିବାରୁ ଆମେ ଆନନ୍ଦିତ। ତେବେ ଏଥର କ୍ଲବରେ ଗଣେଶ ପୂଜା କରିବା ସମ୍ଭବପର ନୁହେଁ। କାରଣ ପୂଜା ଲାଗି ୩ରୁ ୪ ମାସ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ବର୍ତ୍ତମାନ ଆମ ପାଖରେ ଅଧିକ ସମୟ ନାହିଁ। ଗତବର୍ଷ ପରି ଚଳିତ ବର୍ଷ ମଧ୍ୟ ପୂଜା କରିପାରିବୁ ନାହିଁ।

**-ରଞ୍ଜନ କୁମାର ସାହୁ, ସଭାପତି, ତ୍ରିରଙ୍ଗା କ୍ଲବ, କଟକ**

### ଦେବୀଗଡ଼ାରେ ବିସର୍ଜନ ପରମ୍ପରା ବଜାୟ ରହୁ



କଟକ ମହାନଗର ଶାନ୍ତି କମିଟି ସଭାପତି ଭାବରେ ମୋର ୩ଟି ଦାବି ରହିଛି। ମାଆଙ୍କ ଦର୍ଶନରେ ପର୍ଦ୍ଦା ବ୍ୟବସ୍ଥା ରଖା ନ ଯାଉ। ଦେବୀଗଡ଼ାରେ ବିସର୍ଜନ ପରମ୍ପରା ବଜାୟ ରହୁ ଏବଂ ମୂର୍ତ୍ତି ନିର୍ମାଣରେ କୌଣସିକଟକଣା ଲାଗୁନକରାଯାଉ। ଏନେଇ ଆଗାମୀ ଦିନରେ ସହରର ସମସ୍ତ ପୂଜା କମିଟି କର୍ମକର୍ତ୍ତାଙ୍କ ସହ ମିଶି ଆମେ ସରକାରଙ୍କୁ ଅବଗତ କରାଇବୁ।

**-ଦେବେନ୍ଦ୍ର ସାହୁ, ସଭାପତି, ମହାନଗର ଶାନ୍ତି କମିଟି, କଟକ**

## ଭାଉଜଙ୍କୁ ବଳାତ୍କାର ଅଭିଯୋଗ

**ସାଲେପୁର,(ଡି.ଏନ୍.ଏ.):** ସାଲେପୁର ଥାନା ଅନ୍ତର୍ଗତ ନରଦା ପଞ୍ଚାୟତ ଅଞ୍ଚଳର ଜଣେ ମହିଳାଙ୍କୁ ତାଙ୍କ ଦିଅର ବଳାତ୍କାର କରିଥିବା ନେଇ ସୋମବାର ଥାନାରେ ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ.୧୭୭/୨୧)ରୁଜୁ କରିଛି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ସ୍ୱାମୀ ସକାଳେ ଖେତକୁ କାମ କରିବାକୁ ଯାଇଥିଲେ। ସମ୍ପୃକ୍ତ ମହିଳାଙ୍କୁ ଘରେ ଏକୁଟିଆ ପାଇ ଦିଅର ସୁକାନ୍ତ ମଳିକ ଜୋରଜବରଦସ୍ତ ତାଙ୍କୁ ବଳାତ୍କାର କରିଥିଲେ। ସ୍ୱାମୀ ଘରକୁ ଆସିବା ପରେ ଏବିଷୟରେ ଜଣାଇବା ସହ ଥାନାରେ ଅଭିଯୋଗ କରିଥିଲେ। ପୂର୍ବରୁ ମଧ ସୁକାନ୍ତ ତାଙ୍କୁ ବଳାତ୍କାର କରିଥିବା ନେଇ ପୀଡ଼ିତା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ପକ୍ଷରୁ ଏନେଇ ତଦନ୍ତ ଜାରି ରହିଛି। ମଙ୍ଗଳବାର ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯିବ।

# ମଦ ଦୋକାନ ହଟାଯାଉ

କଟକ ଅଫିସ, ୯।୮

କଟକ ନଗର କଂଗ୍ରେସ ପକ୍ଷରୁ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ସିଡିଏ କୃଷକ ବଜାରସ୍ଥିତ ଅବକାରୀ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସହରର ଜନଗହଳି ବସ୍ତି, ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ, ନର୍ସିଂହୋମ, ଧାର୍ମିକ ଅନୁଷ୍ଠାନ, ସର୍ବସାଧାରଣ ପାର୍କ ଆଦି ଅଞ୍ଚଳରୁ ମଦ ଦୋକାନକୁ ହଟାଇବା ନେଇ କଂଗ୍ରେସ ପକ୍ଷରୁ ଦାବି କରଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ଟିକସ ଆଦାୟ ଆଳରେ ନବୀନ ସରକାର ଗାଁ ସାହିରେ ମଦ ଦୋକାନ ଖୋଲିଛନ୍ତି।



ଧାରଣାରେ ବସିଥିବା ବିଧାୟକ ମହମ୍ମଦ ମୋକିମ ଓ ଅନ୍ୟମାନେ।

ଗରିବ, ଖଟିଖିଆ ଜନସାଧାରଣଙ୍କର ସାମାଜିକ ଜୀବନକୁ ନଷ୍ଟ କରିବା ପାଇଁ ଏହା ଏକ ସୁଚିନ୍ତିତ ଯୋଜନା ବୋଲି କହିଥିଲେ। ଏ ପ୍ରକାର ସ୍ଥିତିରେ ଅବକାରୀ ଆୟୁକ୍ତଙ୍କ ଅସହଯୋଗ ମନୋବୃତ୍ତିକୁ ମଧ ବିଧାୟକ ନାପସନ୍ଦ କରିଥିଲେ। ପରେ ନିକୁଞ୍ଜ ପସାୟତ, ବିଶ୍ୱଜିତ ଦାସ, ଶୈଳବାଳା ଜେନା, ମହମ୍ମଦ ଅଲିମ ପ୍ରମୁଖଙ୍କ ଏକ ପ୍ରତିନିଧି ମଣ୍ଡଳ ଆୟୁକ୍ତଙ୍କ ସହିତ ଆଲୋଚନା କରିଥିଲେ। ସହରର ବକ୍ସି ବଜାର, ପୁରୀଘାଟ, କାଜି ବଜାର, ରୋଡର୍ସ ଷ୍ଟ୍ରିଟ, ସତୀଚଉରା, ମଙ୍ଗଳାବାଗ ଓ ନୂଆପଡା ଘାଟକୂଳ ଆଦି ଅଞ୍ଚଳରେ ନୂତନ ଭାବେ ଖୋଲା ଯାଇଥିବା ମଦ ଦୋକାନକୁ ହଟାଇବା ପାଇଁ ଆୟୁକ୍ତଙ୍କ ନିକଟରେ ଦାବି କରିଥିଲେ। ଅଶ୍ୱିନୀ ମହାରଣା, ତୃପ୍ତି ଦାସ, ଚାରୁଲତା ସାହୁ, ନମିତା ମଞ୍ଜରୀ ସାହୁ, ଆକାଶ ଭୂୟାଁ, ସନ୍ତୋଷ ଭୋଳ, ଲିଜାରାଣୀ ରାଉତ, ଅମ୍ରିତା ଦାସ, ଶ୍ରୀୟା ସଂବେଦନା,ସେକ ଗୁଲାମ ମୋହିଉଦ୍ଦୀନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଡମପଡ଼ା ବିଜୁ ଯୁବ ଜନତା ଦଳର ସଭାପତିଙ୍କ ଇସ୍ତଫା

**ବାଙ୍କୀ,୯।୮(ସ୍ୱ.ପ୍ର.):**ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ବିଜେଡି ସଭାପତି ଅସୀତ୍ କୁମାର ଜେନା ସୋମବାର ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ଏହି ଅବସରରେ ସେ ଏକ ଲିଖିତ ବିବୃତିରେ ଦର୍ଶାଇଛନ୍ତି, କେତେକ ରାଜନୈତିକ ଦଳ ପକ୍ଷରୁ ରାଜନୈତିକ ଉଦ୍ଦେଶ୍ୟ ହାସଲ କରିବା ଉଦ୍ଦେଶ୍ୟରେ ଅମୂଳକ ଅଭିଯୋଗ କରି ତାଙ୍କ ବିରୋଧରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ କରାଯାଇଛି। ତାଙ୍କ ଲୋକପ୍ରିୟତାରେ ଈର୍ଷାନ୍ୱିତ ହୋଇ ବିରୋଧୀଙ୍କ ପକ୍ଷରୁ ଏଭଳି ଅପପ୍ରଚାର କରାଯାଇଛି। ତୃତୀୟ ପକ୍ଷ ଦ୍ୱାରା ତଦନ୍ତ କରାଗଲେ ସତ୍ୟ ଉନ୍ମୋଚନ ହୋଇପାରିବ ବୋଲି ସେ ଉଲ୍ଲେଖ କରିଛନ୍ତି। ରାଜନୈତିକ ପଦବୀ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହୋଇଥିବାରୁ ନୈତିକତା ଦୃଷ୍ଟିରୁ ସେ ସଭାପତି ପଦବୀରୁ ଇସ୍ତଫା ଦେଇଛନ୍ତି ବୋଲି ଜେନା କହିଛନ୍ତି। ସୂଚନାଯୋଗ୍ୟ ଏହି ବ୍ଲକ ଅନ୍ତର୍ଗତ କୁସୁପଙ୍ଗି ପଞ୍ଚାୟତର ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ନେଇ ଗଣମାଧ୍ୟମରେ ପ୍ରକାଶ ପାଇଥିଲା।

### ୧୦ ଗରିବଙ୍କ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ

#### ମାସ୍କ ନ ପିନ୍ଧିଲେ ଜରିମାନା ମାମଲା

**କଟକ ଅଫିସ,୯।୮:** ମାସ୍କ ନ ପିନ୍ଧିଲେ ଜରିମାନା ଘଟଣାରେ ହୋଇଥିବା ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ଶୁଣାଣିରେ କହିଛନ୍ତି ଯେ, ଯେଉଁମାନେ ଆର୍ଥିକ ଅନଗ୍ରସର ବ୍ୟକ୍ତି ଏହି ଜରିମାନାର ଶିକାର ହୋଇଥିବେ ତଥା ଗରିବ ଏଭଳି ପ୍ରାୟ ୧୦ଜଣ ବ୍ୟକ୍ତିଙ୍କର ସତ୍ୟପାଠ ଦାଖଲ କର। ଏହାପରେ ଏହି ମାମଲାର ଶୁଣାଣି କରାଯିବ ବୋଲି ହାଇକୋର୍ଟ ଆବେଦନକାରୀ ପର୍ବଜିତ ସିଂ ସାଲୁଜାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଏସ୍ ମୁରଲୀଧର ଓ ଜଷ୍ଟିସ ବିପି ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଶିଷ କୁମାର ମିଶ୍ର ଏହି ମାମଲା ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ଏପ୍ରିଲରେ ଆବେଦନକାରୀ ପିଟିସନରେ ଦର୍ଶାଇଥିଲେ ଯେ, ଏପ୍ରିଲ ୯ରେ ଓଡ଼ିଶା କୋଭିଡ-୧୯ ରେଗୁଲେଶନସ ୨୦୨୦ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେଥିରେ କୋଭିଡ୍ କଟକଣା ଅନୁସାରେ ମାସ୍କ ପିନ୍ଧି ନ ଥିଲେ ୧୦୦୦ ବଦଳରେ ୨ ହଜାର ଟଙ୍କା ହୋଇଥିଲା। ପରେ ସେହି ଭୁଲ ପାଇଁ ୫ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ। ଯାହାକି ଆର୍ଥିକ ଅନଗ୍ରସର ବ୍ୟକ୍ତିଙ୍କ ପାଇଁ ସମ୍ଭବ ନୁହେଁ।

### କଂସରରେ କୀଟତତ୍ତ୍ୱ ସର୍ବେକ୍ଷଣ ଆରମ୍ଭ

**ଖୁଣ୍ଟୁଣୀ,୯।୮(ଡି.ଏନ୍.ଏ.):** କଟକ ଜିଲା ଆଠଗଡ଼ ବ୍ଲକ ଖୁଣ୍ଟୁଣୀ ସେକ୍ଟର ଅଧୀନ ଡାଲୁଆ ସବ ସେଣ୍ଟର ଅନ୍ତର୍ଗତ ବଣ ପାହାଡ଼ ଘେରାରେ ଥିବା କଂସର ଗ୍ରାମରେ ସୋମବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମ୍ୟାଲେରିଆ ନିରାକରଣ ପାଇଁ କୀଟ ତତ୍ତ୍ୱ ସର୍ବେକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଓ କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସତ୍ୟବ୍ରତ ଛୋଟରାୟଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲିଥିଲା। କଂସର ଗ୍ରାମ ଆଦିବାସୀ ପଡ଼ାରେ ୧୨୮ଟି ଦୀର୍ଘସ୍ଥାୟୀ ଔଷଧୀୟ ମଶାରି ବଣ୍ଟନ କରାଯାଇଥିଲା। ଜିଲା ସହକାରୀ ଏଣ୍ଟମୋଲୋଜି ରାଜଲକ୍ଷ୍ମୀ ମିଶ୍ରଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟାଧିକାରୀ ମିହିର ପଟ୍ଟନାୟକ, ମ୍ୟାଲେରିଆ ପରିଦର୍ଶକ ବିଜୟ ବେଉରା, ପୁରୁଷ ସ୍ୱାସ୍ଥ୍ୟ ପରିଦର୍ଶକ ରମାକାନ୍ତ ସିହ୍ନା, ପ୍ରମୋଦ ସାହୁ, ଏଏନ୍ଏମ ଶ୍ରଦ୍ଧାମଣି ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶାରେ ଅଗଷ୍ଟ କ୍ରାନ୍ତିର ପ୍ରକୃତ ମୂଲ୍ୟାୟନ କରାଯାଇ ନାହିଁ

ଭୁବନେଶ୍ୱର, ୯।୮ (ବ୍ୟୁରୋ)

କ୍ରାନ୍ତି ଦିବସ ଉପଲକ୍ଷେ ସୋମବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜ୍ୟ ଅଭିଲେଖାଗାରରେ ଓଡ଼ିଶାରେ ଭାରତ ଛାଡ଼ ଆନ୍ଦୋଳନ ଓ ତାହାର ପ୍ରଭାବ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। 'ଆଜାଦ୍ ଭାରତ କି ଅମୃତ ମହୋତ୍ସବ' ଅନ୍ତର୍ଗତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଭାଗୀୟ ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ ଯୋଗଦେଇ ସ୍ୱାଧୀନ ଭାରତରେ ନାଗରିକମାନେ ସମାଜ ପ୍ରତି ରହିଥିବା କର୍ତ୍ତବ୍ୟ ପାଳନ କରିବା ଦିଗରେ ଆଗଭର ହେବା ଆବଶ୍ୟକ ବୋଲି କହିଥିଲେ। ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ ଦାସ ପୌରୋହିତ୍ୟ କରି କହିଲେ, ଓଡ଼ିଶା ଭାରତ ଛାଡ଼ ଆନ୍ଦୋଳନରେ ଯେଉଁ ଭୂମିକା ନେଇଥିଲା ତାହା ଜାତୀୟ ସ୍ତରରେ ଯଥାଯଥ ଭାବେ ଆଲୋଚିତ ହୋଇପାରି ନ ଥିଲା। ମୁଖ୍ୟ ଆଲୋଚକ ବିଶିଷ୍ଟ ଐତିହାସିକ ଡ. କୈଳାସ ଚନ୍ଦ୍ର ଦାସ ଅଗଷ୍ଟ କ୍ରାନ୍ତିର ପୃଷ୍ଠଭୂମି ଓ ତତ୍କାଳୀନ ଜନମାନସରେ ତାହାର ପ୍ରଭାବ ସଂପର୍କରେ ସବିଶେଷ ବିବରଣୀ ଅବତାରଣ କରିଥିଲେ। ଓଡ଼ିଶାରେ ହୋଇଥିବା ଅଗଷ୍ଟ କ୍ରାନ୍ତିର ପ୍ରକୃତ ମୂଲ୍ୟାଙ୍କନ କରାଯାଇ ନାହିଁ। ଓଡ଼ିଶାର ନେତୃମଣ୍ଡଳୀଙ୍କ ମଧ୍ୟରେ ଅଗଷ୍ଟ କ୍ରାନ୍ତିରେ ସୁରେନ୍ଦ୍ରନାଥ ଦ୍ୱିବେଦୀ ଓ ମାଳତୀ ଚୌଧୁରୀଙ୍କ ବିଶେଷ ଭୂମିକା ଥିଲା ବୋଲି ସେ ଉଲ୍ଲେଖ କରିଥିଲେ। ଅଭିଲେଖାଗାର ଅଧୀକ୍ଷକ ଡ. ଶେଖ୍ ସୋଲେମାନ୍ ଅଲ୍ଲି ସ୍ୱାଗତ ଭାଷଣ ଓ ଉପେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ଗଙ୍ଗାଧର ମେହେର ଭାରତର ଦ୍ୱିତୀୟ କାଳିଦାସ

ଭୁବନେଶ୍ୱର, ୯।୮(ବ୍ୟୁରୋ)

୧୮୬୨ ମସିହା ଅଗଷ୍ଟ ୯ରେ ବରପାଲିରେ ଜନ୍ମଗ୍ରହଣ କରି ବିଶ୍ୱକୁ ଭାଷା ଓ ସାହିତ୍ୟର ଆଲୋକିତ ପଥ ପ୍ରଦର୍ଶନ କରିଥିବା ସ୍ୱଭାବକବି ଗଙ୍ଗାଧର ମେହେରଙ୍କୁ ଯଥାର୍ଥରେ ଭାରତବର୍ଷର ଦ୍ୱିତୀୟ କାଳିଦାସ କୁହାଯାଇପାରେ ବୋଲି ମତପ୍ରକାଶ ପାଇଛି। ପ୍ରବାସୀ ସାହିତ୍ୟ ସମ୍ଭାର ପକ୍ଷରୁ ସୋମବାର ଆୟୋଜିତ କ୍ରାନ୍ତି ଦିବସ ଓ ସ୍ୱଭାବକବି ସନ୍ଧ୍ୟାରେ ଅତିଥିମାନେ ଗଙ୍ଗାଧରଙ୍କ ସ୍ମୃତିଚାରଣ କରି ଏହା କହିଥିଲେ। ମୈତ୍ରେୟୀ କମିଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଭର୍ଚୁଆଲ ବୈଠକରେ ଉତ୍କଳ ସମ୍ମିଳନୀର ଡ. ରାଧାନାଥ ପ୍ରହରାଜ ମୁଖ୍ୟ ଅତିଥି, ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ପ୍ରଯୋଜକ ମିହିର ମେହେର ମୁଖ୍ୟବକ୍ତାଭାବେ ଯୋଗଦେଇ ସ୍ୱଭାବ କବିଙ୍କ ତପସ୍ୱିନୀ, କୀଚକବଧ, ଅର୍ଘ୍ୟଥାଳି ଆଦି ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅରୁଣ କୁମାର ମହାପାତ୍ର, ଅରୁନ୍ଧତୀ ମହାନ୍ତି, ଦେବାଶିଷ ମହାପାତ୍ର, ସତ୍ୟଜିତ୍ ନାୟକ, ନମିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିବା ସହ ସ୍ୱରଚିତ କବିତା ପାଠ କରିଥିଲେ। ଅଳକା ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ।




ଶ୍ରମ କୋଡ, କୃଷି ଆଇନ, ଜାତୀୟ ଶିକ୍ଷାନୀତି ବାତିଲ ଦାବିରେ ବିଭିନ୍ନ ସଙ୍ଗଠନ ପକ୍ଷରୁ କଟକରେ ବାହାରିଥିବା ଶୋଭାଯାତ୍ରା।

# ଶ୍ରମ କୋଡ, କୃଷି ଆଇନ, ଜାତୀୟ ଶିକ୍ଷାନୀତି ବାତିଲ ଦାବି

କଟକ ଅଫିସ, ୯।୮

ଅଗଷ୍ଟ ୯ ତାରିଖ ଭାରତ ଛାଡ଼ ଦିବସକୁ ବିଭିନ୍ନ ସଂଗଠନ ପକ୍ଷରୁ ଭାରତ ବଞ୍ଚାଅ ଦିବସ ଓ ଛାତ୍ର ସଂକଳ୍ପ ଦିବସ ପାଳନ କରାଯାଇଛି। କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆଇଏନଟିୟୁସି, ଏଆଇଟିୟୁସି, ଏଚଏମଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଏନଏଫଟିୟୁ ପକ୍ଷରୁ ଶ୍ରମକଡ୍, କୃଷି ଆଇନ ବାତିଲ ଦାବିରେ ରେଭେନ୍‌ଶା କଲେଜ ପୁରୁଣା ଗେଟ ନିକଟରୁ ଏକ ଶୋଭାଯାତ୍ରା ବାହାରିଥିଲେ। ପରେ କଲେଜଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ସମାବେଶ ହୋଇଥିଲା। ଏଥିରେ କିଶୋର ଜେନା, ରବିନାରାୟଣ ମଲ୍ଲିକ, ରାଜକିଶୋର ମଲ୍ଲିକ, ବିଜୟ ଭୂଷଣ ପତି, ଯୁଧିଷ୍ଠିର ମହାରଣା, ଖଗେଶ୍ୱର ସେଠୀ, ଅଭୟ ସ୍ୱାଇଁ, ବସନ୍ତ ନାୟକ ପ୍ରମୁଖ ସାମିଲ ଥିଲେ। ସେହିପରି ଏଆଇଡିଏସ୍‌ଓ ପକ୍ଷରୁ ଜାତୀୟ ଶିକ୍ଷାନୀତି-୨୦୨୦କୁ ବାତିଲ ଦାବିରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଏଥିସହ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏଆଇଡିଏସ୍‌ଓ କଟକ ଜିଲା କମିଟି ସଭାପତି ଭାଗ୍ୟରବି ଦାସ, ଉପସଭାପତି ତରୁଣସେନ ନାୟକ, ସମ୍ପାଦକ ବିନୋଦ ସେଠୀ, କୋଷାଧ୍ୟକ୍ଷ ଇଶା ଧର, ସମ୍ପାଦକ ମଣ୍ଡଳୀ ସଦସ୍ୟ ଜ୍ୟୋତ୍ସ୍ନାରାଣୀ ଦାସ, ଅମରେନ୍ଦ୍ର ନାୟକ, ଛାତ୍ରନେତା ସରୋଜ ମାନସିଂ, ଆରତୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ସ୍କିମ୍ ୱାର୍କର୍ସ ଫେଡେରେସନ ଅଫ୍ ଇଣ୍ଡିଆ ପକ୍ଷରୁ ବିଭିନ୍ନ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଇ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। ପାଚିକା ସହାୟିକାଙ୍କୁ ମାସିକ ୧୦ହଜାର ଟଙ୍କା, ଆଶା ଅଙ୍ଗନୱାଡି କର୍ମୀଙ୍କୁ ୧୫ହଜାର, ସରକାରୀ କର୍ମଚାରୀର ମାନ୍ୟତା, ଅବସର ପରେ ପେନସନ ପ୍ରଦାନ ଲାଗି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ରାଜକିଶୋର ମଲ୍ଲିକ, ଖଗେଶ୍ୱର ସେଠୀ, ସସ୍ମିତା ମହାନ୍ତି, ପାଭେଲ ପ୍ରିୟଦର୍ଶନ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ନୂତନ ମଦ ଡିପୋ ଖୋଲିବା ନିଷ୍ପତ୍ତିକୁ ବିରୋଧ କରି ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ (ଏଆଇଏମଏସଏସ) ପକ୍ଷରୁ ଓଡିଶା ପ୍ରତିବାଦ ଦିବସ ଡାକରା ଦିଆଯାଇଥିଲା। ସଂଗଠନର କଟକ ଜିଲା କମିଟି ପକ୍ଷରୁ ଆର୍‌ଡିସିଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଏହା ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆର୍‌ଡିସିଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। ନାରୀନେତ୍ରୀ ଟିକି ସାମଲ, ସିପ୍ରା ମହାନ୍ତି, ଝରଣା ଦାସ, ସୁଜାତା ମହାପାତ୍ର, ପୂଜା ନାୟକ, ନମିତା ବେହେରା, ପୁଷ୍ପାଞ୍ଜଳି ବେହେରା ପ୍ରମୁଖ ସାମିଲ ଥିଲେ।

## ଉଚ୍ଛେଦ ପୂର୍ବରୁ ଥଇଥାନ ଦାବି

କଟକ ଅଫିସ,୯।୮

ଉଚ୍ଛେଦ ପୂର୍ବରୁ ଥଇଥାନ ଦାବି ନେଇ ଜଗତପୁର ରେଳ ଲାଇନ ଅଞ୍ଚଳର ବସ୍ତିବାସିନ୍ଦା ସୋମବାର ଜିଲାପାଳଙ୍କ ଆବାସିକା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ୨୫ବର୍ଷରୁ ଉର୍ଦ୍ଧ୍ୱ ହେବ ନିମପୁର, ଜଗତପୁର, କେଳା ସାହି, ମୁଣ୍ଡା ସାହି, କେଉଟ ସାହି ଓ ଝାଡୁ ବସ୍ତିରେ ଥିବା ସରକାରୀ ଜମିରେ ବସବାସ କରିଆସୁଛନ୍ତି। ତେବେ ୭ଦିନ ମଧ୍ୟରେ ବସ୍ତି ଉଚ୍ଛେଦ ପାଇଁ ଶନିବାର ନୋଟିସ ଦିଆଯାଇଥିଲା। ଏହାକୁ ବିରୋଧ କରିବା ସହ ଥଇଥାନ ଦାବି ନେଇ ବସ୍ତିବାସିନ୍ଦା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଖବରପାଇ ଘଟଣାସ୍ଥଳରେ କଟକ ଚୌଦ୍ୱାର ପୂର୍ବତନ ବିଧାୟକ ପହଞ୍ଚି ବସ୍ତିବାସିନ୍ଦା ଏବଂ ଜିଲାପାଳଙ୍କୁ ନେଇ ଏକ ବୈଠକ କରିଥିଲେ। ବୈଠକରେ ଉଚ୍ଛେଦ ପୂର୍ବରୁ ସେମାନଙ୍କୁ ଥଇଥାନ ଦାବି ନେଇ ବସ୍ତିବାସିନ୍ଦା ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ଜିଲାପାଳ ଏ ନେଇ ରେଲୱେ ଅଧିକାରୀଙ୍କ ସହ ଆଲୋଚନା କରିବାର ପ୍ରତିଶ୍ରୁତି ଦେବାପରେ ବସ୍ତିବାସିନ୍ଦା ଧାରଣାରୁ ଓହରିଥିଲେ।

## ବ୍ଲକ କାର୍ଯ୍ୟାଳୟ ଆଗରେ କଂଗ୍ରେସର ଧାରଣା

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ରୁବାନ ଅନୁଦାନ ପ୍ରକଳ୍ପରେ ଦୁର୍ନୀତି ଅଭିଯୋଗ

ବାଙ୍କୀ,୯।୮ (ସ୍ୱ.ପ୍ର.)



ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ କୁସୁପଙ୍ଗି ଓ ତାଳବସ୍ତ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ଓ ରୁବାନ ଅନୁଦାନରେ ନିର୍ମାଣ ହୋଇଥିବା ପ୍ରକଳ୍ପଗୁଡ଼ିକରେ ଦୁର୍ନୀତି ଅଭିଯୋଗ କରି କଂଗ୍ରେସ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦିଆଯାଇଛି। ବେଆଇନ୍ କାର୍ଯ୍ୟରେ ସହଯୋଗ କରିଥିବା ଅଧିକାରୀମାନଙ୍କୁ ନିଲମ୍ବନ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ପ୍ରଦେଶ କଂଗ୍ରେସ ଉପସଭାପତି ତଥା ବାଙ୍କୀର ପୂର୍ବତନ ବିଧାୟକ ଡ.ଦେବାଶିଷ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଏହି ଧାରଣାରେ ଜିଲା କଂଗ୍ରେସ ଉପସଭାପତି କୁବେର ଚୌଧୁରୀ, ଉପଦେଷ୍ଟା ବାବୁଲି ଦଳେଇ, ପୂର୍ବତନ ସରପଞ୍ଚ ଭାବଗ୍ରାହୀ ସ୍ୱାଇଁ, ଘନଶ୍ୟାମ ମହାନ୍ତି, ନକୁଳ ପ୍ରଧାନ ଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗଦେଇଛନ୍ତି। ବ୍ଲକ କଂଗ୍ରେସ ସଭାପତି ଅସୀତ୍ ଚରଣ ପଟ୍ଟନାୟକ ଏହାର ନେତୃତ୍ୱ ନେଉଛନ୍ତି। ଜିଲାପାଳ ଏନେଇ କାର୍ଯ୍ୟାନୁଷ୍ଠାନ ନ ନେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

## କୃମି ନାଶକ ଔଷଧ ସେବନ ପାଇଁ ସଚେତନତା

ଟିଗିରିଆ, ୯।୮ (ଡି.ଏନ୍.ଏ.)

ଟିଗିରିଆ ବ୍ଲକ ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ବିନ୍ଧାଣିମା ଗ୍ରାମସ୍ଥିତ ଡମସାହିରେ ସୋମବାର କୃମି ନାଶକ ଔଷଧ ସେବନ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବର୍ଷକରୁ ୧୯ ବର୍ଷ ପର୍ଯ୍ୟନ୍ତ ସମସ୍ତଙ୍କୁ କୃମି ନାଶକ ଔଷଧ ଦେବା ଉଦ୍ଦେଶ୍ୟରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ.ବିଶ୍ୱବିକାଶ ରାଉତରାୟ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥିଭାବେ ବିନ୍ଧାଣିମା ସରପଞ୍ଚ ଅଜିତ ରାଉତ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟ ପରିଦର୍ଶକ ତ୍ରିଲୋଚନ ବାରିକ ପରିଚାଳନା କରିଥିଲେ।

## ନିକୋ ପାର୍କଠାରେ ନୂତନ ଏମ୍‌ସିସି କାର୍ଯ୍ୟକ୍ଷମ



ଭୁବନେଶ୍ୱର, ୯।୮ (ବ୍ୟୁରୋ)

ବିଏମସି ପକ୍ଷରୁ ୨୦ତମ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ସୋମବାର ନିକୋପାର୍କଠାରେ କାର୍ଯ୍ୟକ୍ଷମ ହୋଇଛି। ୫ଟନ୍ କ୍ଷମତା ବିଶିଷ୍ଟ ଏହି ଏମ୍‌ସିସି ୱାର୍ଡ ନଂ. ୪୧ର ଆବଶ୍ୟକତାକୁ ପୂରଣ କରିବ। ମୁଖ୍ୟ ଅତିଥି ଭାବେ ବିଧାୟକ ଆନନ୍ଦ ନାରାୟଣ ଜେନା, ବିଏମସି ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ସିଟି ଇଞ୍ଜିନିୟର, ଡେପୁଟି କମିଶନର (ପରିମଳ), ସିଟି ହେଲ୍‌ଥ ଅଫିସର, ପରିମଳ ବିଶେଷଜ୍ଞ, ଏସଆଇଏସ୍, ସ୍ୱଚ୍ଛ ଏବଂ ସ୍ୱଚ୍ଛ ସୁପରଭାଇଜର ଯୋଗ ଦେଇଥିଲେ।

## କୃତୀ ଛାତ୍ରୀଛାତ୍ରଙ୍କୁ ଓଡିଏମ୍ ଉତ୍କର୍ଷ ଆୱାର୍ଡ




କୃତୀ ଛାତ୍ରୀଛାତ୍ରଙ୍କ ସହ ଓଡ଼ିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ ଓ ଅନ୍ୟମାନେ।

ଭୁବନେଶ୍ୱର, ୯।୮(ବ୍ୟୁରୋ)

ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ ପରିସରରେ ଚଳିତ ବର୍ଷ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସମ୍ବର୍ଦ୍ଧନା ଉତ୍ସବ 'ଓଡିଏମ୍ ଉତ୍କର୍ଷ ଆୱାର୍ଡ-୨୦୨୧' ଅନୁଷ୍ଠିତ ହୋଇଯାଇଛି। ଓଡ଼ିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା ଦଶମ ଶ୍ରେଣୀର ଛାତ୍ର ଶ୍ରୀରାମ ପଟ୍ଟନାୟକ ଏବଂ ଯୁକ୍ତ୨ ବିଜ୍ଞାନ ବିଭାଗର ଛାତ୍ର ହୈମବତୀ ନନ୍ଦନ ପତି ନିଜ ସଫଳତାର କାହାଣୀ କହିବା ସହ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶ୍ରେୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଡ. ମୀନକେତନ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ମେଧାବୀ ଛାତ୍ରୀଛାତ୍ରଙ୍କୁ ଆଶୀର୍ବଚନ ପ୍ରଦାନ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ମାର୍କେଟ ନ ଖୋଲିଲେ ୫୦ଲକ୍ଷର ମାଛ ନଷ୍ଟହେବ

### ବିଏମ୍‌ସି କମିଶନର, ବିଧାୟକଙ୍କୁ ଭେଟିଲା ମତ୍ସ୍ୟ ବ୍ୟବସାୟୀ ସଂଘ

ଭୁବନେଶ୍ୱର,୯।୮

ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଗତ ରବିବାର ୟୁନିଟ-୪ ମାଛ ମାର୍କେଟକୁ ସିଲ କରଯାଇଥିଲା। ଉକ୍ତ ଘଟଣାକୁ ନେଇ ଜୟ ଯବାନ ମତ୍ସ୍ୟ ବ୍ୟବସାୟୀ ସଂଘ ପକ୍ଷରୁ ସୋମବାର ଏକ ବୈଠକ ବସିଥିଲା। ଏଥିରେ ମାର୍କେଟର ସମସ୍ତ ପାଇକାରୀ ଓ ଖୁଚୁରା ବ୍ୟବସାୟୀ ଯୋଗଦେଇଥିଲେ। ଆଗାମୀ ଦିନରେ ସରକାରଙ୍କ ସମସ୍ତ କୋଭିଡ୍ କଟକଣାକୁ ମାନିବା ସହ ଏଭଳି ଘଟଣା ଯେପରି ଆଗକୁ ନ ହେବ ସେଥିପ୍ରତି ଧ୍ୟାନଦେବାକୁ ସଂଘ ପକ୍ଷରୁ ସମସ୍ତଙ୍କୁ ଅବଗତ କରାଯାଇଛି। ଏହାପରେ ସଂଘ ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କୁ ଭେଟି ହାଟ ବନ୍ଦ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ ସହ ଏହାର ଆଗାମୀ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲା। ସେହିଭଳି ହାଟ ଖୋଲିବା ଓ ବିଏମ୍‌ସିର ସମସ୍ତ କୋଭିଡ୍ କଟକଣାକୁ ପାଳନ କରିବା ସହ ଶଟ୍‌ଡାଉନରେ କୌଣସି ଦୋକାନ ନ ଖୋଲିବାର ଦାୟିତ୍ୱ ସଂଘ ନିଜ ହାତକୁ ନେବ ବୋଲି ବିଏମ୍‌ସି କମିଶନରଙ୍କୁ ଭେଟି ସଂଘ ଜଣାଇଛି। ଏଥିସହ ଏକ ଅନୁରୋଧ ପତ୍ର ମଧ ପ୍ରଦାନ କରିଛି।

ସଂଘର ସାଧାରଣ ସମ୍ପାଦକ ଜନ୍ମେଶ୍ୱର ମଲ୍ଲିକ କହିଛନ୍ତି, ବିଏମ୍‌ସି ପକ୍ଷରୁ ଶୀଘ୍ର ମାଛ ହାଟ ଖୋଲା ନ ଗଲେ ପ୍ରାୟ ୫୦ ଲକ୍ଷ ଟଙ୍କାର ମାଛ ନଷ୍ଟ ହୋଇଯିବ ଓ ୩୦୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ବ୍ୟାପକ କ୍ଷତି ସହିବେ। ସେ କହିଛନ୍ତି, ଶଟ୍‌ଡାଉନରେ ସମସ୍ତ ୩୯ ମାଛ ପାଇକାରୀ ଦୋକାନ ବା ଗଦି ବନ୍ଦ ରହିଥିଲା। ଗଦିରେ କାର୍ଯ୍ୟରତ କର୍ମଚାରୀ ଓ ସେମାନଙ୍କ ପରିବାର ସେଠାରେ ରହୁଥିବାରୁ ଶଟ୍‌ଡାଉନରେ ମାଛର ଯତ୍ନ ପାଇଁ ଟ୍ରେ ଖୋଲି ସେଥିରେ ବରଫ ଦେଉଥିବା ସମୟରେ ବିଏମ୍‌ସି ପକ୍ଷରୁ ଚଢ଼ାଉ କରାଯାଇଥିଲା। ଅଧିକାରୀମାନେ ମାଛ ଗଦି ଖୋଲା ଥିବା ନେଇ କମିଶନରଙ୍କୁ ଜଣାଇ ମାର୍କେଟକୁ ସିଲ୍ କରିଥିଲେ। ମାତ୍ର ୩ଟି ଗଦି ପାଇଁ ୩୯ଟି ଗଦି ମାଲିକ ଓ ୩୦୦ରୁ ଉର୍ଦ୍ଧ୍ୱ ଖୁଚୁରା ବ୍ୟବସାୟୀ ସମସ୍ୟାରେ ପଡ଼ିଛନ୍ତି। ସେହିପରି ୩୯ଟି ଗଦିରେ ପ୍ରାୟ ୫୦୦କର୍ମଚାରୀଙ୍କ ସହିତ ୮୦୦ରୁ ଉର୍ଦ୍ଧ୍ୱ ଛୋଟ ମାଛ (ଉଠା ଦୋକାନୀ) ବ୍ୟବସାୟୀ ବର୍ତ୍ତମାନ ସମୟରେ ବିପଦରେ ପଡ଼ିଛନ୍ତି। କମିଶନରଙ୍କ ଉପସ୍ଥିତିରେ ଗଦି ନଂ ୨୪, ୩୨ ଓ ୩୬ ସିଲ୍ ହେବାକୁ ନିଷ୍ପତ୍ତି ହୋଇଥିଲେ ମଧ ବିଏମ୍‌ସି ଅଧିକାରୀ ୩୯ଟି ଗଦି ସହ ସମ୍ପୂର୍ଣ୍ଣ ମାଛ ମାର୍କେଟକୁ ସିଲ୍ କରିଦେଲେ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ସଂଘ ସଭାପତି ଏସ୍.କେ. ମୁସ୍ତାଫାଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ୍ ବିଧାୟକଙ୍କୁ ଭେଟି ସଂଘର ଦାବିପତ୍ର ପ୍ରଦାନ ପୂର୍ବକ ସମସ୍ତ ବ୍ୟବସାୟୀଙ୍କ ଦୁଃଖ ଜଣାଇବା ସହ ଏହାର ବିଚାର କରି ହାଟ ଖୋଲିବାର ବ୍ୟବସ୍ଥା କଲେ ବ୍ୟବସାୟୀମାନେ ଉପକୃତ ହେବେ ବୋଲି ଜଣାଇଥିଲେ। ତେବେ ଏ ସମ୍ପର୍କରେ ସେ ବିଏମ୍‌ସି କମିଶନରଙ୍କ ସହ କଥା ହୋଇ ଆଇନ ଅନୁସାରେ ଯାହା କରିହେବ କରିବେ ଏବଂ ଏଭଳି ସମୟରେ ନିୟମ ଭାଙ୍ଗିବା ଅନୁଚିତ ବୋଲି ବିଧାୟକ ଜେନା ସଂଘର କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ।

## କେବୁଲ ତାର ଚୋରି, ଜଣେ ଗିରଫ

ଯାଁଳା,(ଡି.ଏନ୍.ଏ.): ସିସିଭି କେବୁଲ ଓ ଏସି ତାର ଚୋରି ଅଭିଯୋଗରେ ସୋମବାର ଯାଁଳା ଫାଣ୍ଡି ପୋଲିସ ଜଣେ ଚୋରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଓଗାଳପଡା ଅଞ୍ଚଳରେ ରହୁଥିବା ନୟାଗଡ଼ ଜିଲା ଗଣିଆର ବୀରଞ୍ଚି ବେହେରା (୩୫)। ତାଙ୍କ ନିକଟରୁ ତାର ଜବତ କରାଯାଇଛି। ସୂଚନା ମୁତାବକ, ଗତ ୨୭ ତାରିଖ ବିଳମ୍ବିତ ରାତିରେ ଯାଁଳାସ୍ଥିତ ଗ୍ରୀନ ପାର୍କ କଲ୍ୟାଣ ମଣ୍ଡପରୁ ତାର ଚୋରି ହୋଇଥିଲା। ଏନେଇ ମଣ୍ଡପର ସୁରକ୍ଷା ଦାୟିତ୍ୱରେ ଥିବା ସୁବୋଧ ମାର୍ଥା ଯାଁଳା ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ କରି ବୀରଞ୍ଚିଙ୍କୁ ଗିରଫ କରିଥିଲା।

# ସହରବାସୀଙ୍କ ଦର୍ଶନ କଟକଣାକୁ ନେଇ ଦ୍ୱନ୍ଦ୍ୱ

**ପୁରୀ ଅଫିସ,୯।୮**

ଆସନ୍ତା ୧୬ତାରିଖରୁ ପୁରୀ ସହରବାସୀଙ୍କ ପାଇଁ ଶ୍ରୀମନ୍ଦିରରେ ଦର୍ଶନ ଆରମ୍ଭ ହେବାକୁ ଥିବା ବେଳେ କୋଭିଡ୍ ରିପୋର୍ଟ କିମ୍ବା ଡବଲ୍ ଡୋଜ୍ ଟିକା ନେଇଥିବା ବାଧ୍ୟତାମୂଳକ ହେବ କି ନାହିଁ ସେନେଇ କଳ୍ପନାଜଳ୍ପନା ଲାଗି ରହିଛି। ପ୍ରଶାସନ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଏନେଇ ସ୍ପଷ୍ଟୀକରଣ ରଖାଯାଉ ନାହିଁ। ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି ଯେ, ଶ୍ରୀମନ୍ଦିର ଏସ୍ଓପି ଆସିବା ପରେ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ସହରବାସୀଙ୍କୁ ବିନା ଆର୍‌ଟି-



ପିସିଆର୍ ଟେଷ୍ଟ କିମ୍ବା ଡବଲ୍ ଡୋଜ୍ ଟିକାରେ ଶ୍ରୀମନ୍ଦିର ପ୍ରବେଶ କରିବାକୁ ଅନୁମତି ମିଳିବ କି ନାହିଁ ସେନେଇ

**ପ୍ରଶାସନ କହିଲା, ବୈଠକ ପରେ ଜଣାପଡ଼ିବ**

ଏବେଠାରୁ କହିବା ସମ୍ଭବପର ନୁହେଁ। ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ହେବା ପରେ ଜଣାଇ ଦିଆଯିବ। ଆସନ୍ତା ୨ରୁ ୩ ଦିନ ମଧ୍ୟରେ ନିଷ୍ପତ୍ତି ଆସିଯିବ ବୋଲି ସେ ଆଶାପ୍ରକଟ କରିଛନ୍ତି।

ପୌରାଞ୍ଚଳ ପକ୍ଷରୁ ଦର୍ଶନ ନିମନ୍ତେ ୱାର୍ଡଓାରୀ ତାଲିକା ସମ୍ବନ୍ଧିତ ତଥ୍ୟ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନକୁ ଦିଆଯାଇସାରିଛି। ସଂପୃକ୍ତ ତାଲିକାକୁ ତର୍ଜମା କରିବାରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ପୁରୀ ସହରବାସୀ ଦର୍ଶନ କରିବାକୁ କୁହାଯାଇଛି। ତେବେ କଟକଣା ବଢ଼ିଲେ ଅଧିକାଂଶ ଲୋକ ଦର୍ଶନରୁ ବଞ୍ଚିତ ହୋଇପାରନ୍ତି। ଅନ୍ୟପକ୍ଷରେ ରଥଯାତ୍ରାରେ ସାମିଲ ହୋଇଥିବା ଶ୍ରୀମନ୍ଦିର କର୍ମଚାରୀ ଓ ସେବାୟତଙ୍କ କୋଭିଡ୍ ଟେଷ୍ଟ ଆରମ୍ଭ ହୋଇଛି। ୧୧ ତାରିଖ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲିବ। ଆର୍‌ଟି-ପିସିଆର୍ ଟେଷ୍ଟରେ ପଜିଟିଭ୍ ଆସିଥିବା ଲୋକଙ୍କୁ ହିଁ ଶ୍ରୀମନ୍ଦିର ଓ କାର୍ଯ୍ୟାଳୟରେ ପ୍ରବେଶ ଅନୁମତି ମିଳିବ ବୋଲି ଜିଲାପାଳ ସମର୍ଥ ବର୍ମା ସ୍ପଷ୍ଟ କରିଛନ୍ତି।



ପୁରୀ ନୀଳାଚଳ ଭକ୍ତ ନିବାସ ପରିସରରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ରଥ ସେବକମାନେ।

## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ଦୋକାନ ସାମଗ୍ରୀ ଜଳିଗଲା

**ଖୋର୍ଦ୍ଧା ଅଫିସ,୯।୮:** ମୁକୁନ୍ଦପ୍ରସାଦ ସ୍ଥିତ ଏକ ଗ୍ରୋସେରି ଦୋକାନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କା ସାମଗ୍ରୀ ଜଳିପୋଡି ପାଉଁଶ ହୋଇଯାଇଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ମୁକୁନ୍ଦପ୍ରସାଦ ଗ୍ରାମର ଯୋଗେଶ ମହାପାତ୍ରଙ୍କ ଏକ ଗ୍ରୋସେରି ଦୋକାନ ରହିଛି। ରାତି ୮ଟା ପରେ ନାଇଟ କର୍ଫ୍ୟୁ ରହିଛି। ରବିବାର ରାତିରେ ସେ ସବୁଦିନ ପରି ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ସକାଳୁ ତାଙ୍କ ଦୋକାନ ଘରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟଲୋକେ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ଓ ଦୋକାନ ମାଲିକ ମହାପାତ୍ର ପହଞ୍ଚିବା ବେଳକୁ ସେତେବେଳକୁ ଦୋକାନରେ ସମସ୍ତ ଆସବାବପତ୍ର ଓ ସାମଗ୍ରୀ ପୋଡ଼ି ଯାଇଥିଲା।

### ବିଜେଡିରେ ମିଶିଲେ କଂଗ୍ରେସ କର୍ମୀ

**କାକଟପୁର,୯।୮(ଡି.ଏନ.ଏ.):** କାକଟପୁର ବ୍ଲକ ଲତାହରଣ ପଞ୍ଚାୟତରେ ସୋମବାର ବିଜେଡି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ରୀଡ଼ା ଏବଂ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ରାଜ୍ୟ ବିଜେଡି ସମ୍ପାଦକ ସ୍ୱାଧୀନ କୁମାର ନାୟକଙ୍କ ନେତୃତ୍ୱ ଉପରେ ଭରସା କରି ଏହି ପଞ୍ଚାୟତର କେତେଜଣ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ନୂତନ କର୍ମୀମାନଙ୍କୁ ମନ୍ତ୍ରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଏହି ପର୍ବରେ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟୀ ଦଳାଇ, କାକଟପୁର ବ୍ଲକର ବିଜେଡି ସଭାପତି ପ୍ରାଣକୃଷ୍ଣ ମଲ୍ଲିକ, ମନ୍ତ୍ରୀଙ୍କ କାକଟପୁର ପ୍ରତିନିଧି କବିରାଜ ବିଶାଳ, ଏମ୍‌ପି ପ୍ରତିନିଧି ଜ୍ଞାନରଞ୍ଜନ ସାହୁ, ଲତାହରଣ ପଞ୍ଚାୟତର ବିଜେଡି ସଭାପତି ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଆର୍ଥିକ ସହାୟତା ପାଇଁ ଦାବି

**ପୁରୀ ଅଫିସ, ୯।୮:** ମହାମାରୀ କରୋନା ସମୟରେ କଳାକାର, ବିୟୁଟିପାର୍ଲର, ସେଲୁନ, ସ୍ପା କର୍ମଚାରୀ ଓ ଚାଷୀ ବହୁମାତ୍ରାରେ ପ୍ରଭାବିତ ହୋଇଛନ୍ତି। ସେମାନଙ୍କୁ ସରକାର ଆର୍ଥିକ ସହାୟତା ଦେବାକୁ ଦାବି କରି ସୋମବାର ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୁରୀ ଜିଲାପାଳଙ୍କୁ ୭ ଦଫା ସମ୍ବଳିତ ଦାବିପତ୍ର ଦିଆଯାଇଛି। ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଜିଲା ସଂଯୋଜକ ଗୋବିନ୍ଦ ମହାପାତ୍ର କହିଛନ୍ତି।

### କତା ଶିଳ୍ପପତିଙ୍କ ପରଲୋକ



**ସାକ୍ଷୀଗୋପାଳ, ୯।୮ (ଡି.ଏନ.ଏ):** ବିଶିଷ୍ଟ କତା ଶିଳ୍ପପତି ଓ ଗୀତା ପାଠଶାଳା, ବ୍ରହ୍ମାକୁମାରୀ ଆଶ୍ରମ ପ୍ରତିଷ୍ଠାତା ବ୍ରହ୍ମାକୁମାରୀ ଆଶ୍ରମର ବୀରେନ ମୋହନ ପାତ୍ର(୬୬)ଙ୍କ ହୃଦଘାତରେ ପରଲୋକ ହୋଇଛି। ତାଙ୍କ ମୃତ୍ୟୁ ଖବର ଶୁଣି ଶୋକରଛାୟା ଖେଳିଯାଇଛି। ସେ ନ୍ୟାଶନାଲ କୋର କମ୍ପାନୀର ପ୍ରତିଷ୍ଠାତା ଥିଲେ। ଦୀର୍ଘ ୪୭ବର୍ଷ ଧରି କତା ଶିଳ୍ପର ଉନ୍ନତୀକରଣ ପାଇଁ ତାଙ୍କର ବହୁ ଅବଦାନ ରହିଛି। ତାଙ୍କ ଉଦ୍ୟମରେ ସାକ୍ଷୀଗୋପାଳଠାରୁ ପିପିଲି ପର୍ଯ୍ୟନ୍ତ ନଡ଼ିଆ କତା ସଂଗ୍ରହ କରି ବିଭିନ୍ନ ସାଜସଜ୍ଜା ସାମଗ୍ରୀ ଉତ୍ପାଦନ କରି ପ୍ରାୟ ୨୦୦ଜଣଙ୍କୁ କର୍ମସଂସ୍ଥାନ ଯୋଗାଇଥିଲେ। ଏଥିପାଇଁ ତାଙ୍କୁ କୋର ବୋର୍ଡ ପକ୍ଷରୁ ୨୦୦୫ରୁ ୨୦୦୯ ମସିହା ପର୍ଯ୍ୟନ୍ତ ଶ୍ରେଷ୍ଠ କତାଶିଳ୍ପ ଉତ୍ତରାଧିକାରୀ ଭାବେ ବିଭିନ୍ନ ଆୱାର୍ଡ ମିଳିଥିଲା। ଏପରିକି ସେ ସାତଶଙ୍ଖ, ଶିରିପୁରସ୍ଥିତ ତାଙ୍କ ବାସଭବନରେ ପ୍ରଜାପତି ବ୍ରହ୍ମାକୁମାରୀ ଆଶ୍ରମ ଓ ଗୀତା ପାଠଶାଳା ପ୍ରତିଷ୍ଠା କରିବା ସହ ରାଜଯୋଗୀ ଦିକ୍ଷା ନେଇ ଅନ୍ୟମାନଙ୍କୁ ମଧ ଏଥିରେ ଦୀକ୍ଷିତ କରାଇଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ପୁତ୍ର, ବୋହୂ, ଝିଅ, ଜ୍ୱାଇଁ ପରିବାରବର୍ଗଙ୍କ ସମେତ ରାଜଯୋଗୀମାନେ ଉପସ୍ଥିତ ଥିଲେ।

### ଚୋରି ଘଟଣାରେ ୬ ଗିରଫ

**ଜଟଣୀ,୯।୮(ଡି.ଏନ୍.ଏ.):** ଜଟଣୀ ପୋଲିସ ବିଭିନ୍ନ ମାମଲାରେ ସମ୍ପୃକ୍ତ ଥିବା ୬ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସୂଚନା ମୁତାବକ, ଜଟଣୀ ବ୍ଲକ ଛଣଘର କୁଶୁମାଟି ପଞ୍ଚାୟତର ସନ୍ତୋଷ ଦାସଙ୍କ ଘରୁ ବିଭିନ୍ନ ଆସବାବପତ୍ର ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ.୪୦୩/୨୧)ରୁଜୁକରି ସୁଜିତ ମାଝି, ସରୋଜ ବାରିକ, କ୍ରିଷ୍ଣା ଭୋଇ, ଦିଲୀପ ସେଠୀଙ୍କୁ କୋର୍ଟଚାଲାଣ କରିଛି। ସେହିପରି ଛେଳି ଚୋରି ଘଟଣାରେ ପୋଲିସ ଏକ ମାମଲା (ନଂ.୪୦୨/୨୧)ରୁଜୁକରି ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ବାହୁବଳେନ୍ଦ୍ରଙ୍କ ତ୍ୟାଗ, ବୀରତ୍ୱ ସ୍ମରଣୀୟ



ପଞ୍ଚପାଇକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥିମାନେ।

**ଖୋର୍ଦ୍ଧା ଅଫିସ,୯।୮**

୧୮୧୭ ପାଇକ ବିଦ୍ରୋହ ହେଉଛି ଭାରତୀୟ ମୁକ୍ତି ସଂଗ୍ରାମର ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମ। ପାଇକ ବିଦ୍ରୋହ ପଛରେ ରହିଥିଲା ଦେଶପ୍ରେମ, ଜାତୀୟତା ଭାବ। ପାଇକଙ୍କ ସଂଗ୍ରାମ ଆଗରେ ବ୍ରିଟିଶ ସରକାରଙ୍କ ପ୍ରଚେଷ୍ଟା ବିଫଳ ହୋଇଥିଲା। ବକ୍ସିଜଗବନ୍ଧୁଙ୍କ ପ୍ରମୁଖ ସହଯୋଗୀ ଦାରୁଠେଙ୍ଗର ମହାନ୍ ସଂଗ୍ରାମୀ ପାଇକ ବୀର ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ୨ଶହ ତମ ବଳିଦାନ ଦିବସ କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ସୋମବାର ଗଡ଼ଖୋର୍ଦ୍ଧା ଠାରେ ପାଳିତ ହୋଇଯାଇଛି। ସଂଘ ଉପଦେଷ୍ଟା ଭୀମସେନ ପ୍ରଧାନ, ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହ, ଇଂ.ଶିଶିର ନାୟକ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ପୂର୍ବତନ ପ୍ରଶାସକ ସହଦେବ ଜୟସିଂହ, ପ୍ରଫୁଲ୍ଲ ସାମନ୍ତରାୟ, ଅମରେନ୍ଦ୍ର ମହାପାତ୍ର, ପ୍ରଦୀପ ବିଶ୍ୱାଳ, ମୃତ୍ୟୁଞ୍ଜୟ ଛୋଟରାୟ ପ୍ରମୁଖ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପିଣ୍ଡିକି ଇଂରେଜ ସରକାର ବିରୋଧରେ ପାଇକ ବାହିନୀଙ୍କୁ ଏକତ୍ରିତ କରି ଜଙ୍ଗଲରେ ଲୁଚି ଖଣ୍ଡଯୁଦ୍ଧ କରିଥିଲେ। ତାଙ୍କ ଆଗରେ ବ୍ରିଟିଶ ସରକାରଙ୍କ କୌଣସି ଅସ୍ତ୍ରଶସ୍ତ୍ର କାମ କରିନଥିଲା। ଶେଷରେ ଚକ୍ରାନ୍ତ କରି ପିଣ୍ଡିକିଙ୍କୁ ଧରି କଟକରେ ବନ୍ଦୀ କରିଥିଲେ। ଦିନେ ବନ୍ଦୀଘରୁ ପିଣ୍ଡିକି ବାହାରି କାଠଯୋଡ଼ି ନଦୀ ପାର ହୋଇ ବାରଙ୍ଗ ପର୍ଯ୍ୟନ୍ତ ପଳାଇ ଆସିଥିଲେ। ଖବରପାଇ ଇଂରେଜ ସୈନ୍ୟ ହାତରେ ଧରାପଡି ଗୁଳିରେ ନିହତ ହୋଇ ଦେଶମାତୃକା ଲାଗି ବଳିଦାନ ଦେଇଥିଲେ। ତାଙ୍କ ତ୍ୟାଗ, ନିଷ୍ଠା, ବଳିଦାନ ଲାଗି ଏ ଜାତି ସର୍ବଦା ଗର୍ବ ଅନୁଭବ କରିବ ବୋଲି ମତପ୍ରକାଶ ପାଇଥିଲା।

## ବଟି ମାଗି ଯୁବକ ଗିରଫ

**ଯାଁଳା,୯।୮(ଡି.ଏନ୍.ଏ.)**

ଦାଦାବଟି ମାଗିବା ଅଭିଯୋଗରେ ସୋମବାର ଯାଁଳା ଫାଣ୍ଡି ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଜଟଣୀ ଥାନା ଗଙ୍ଗପଡ଼ା ପଞ୍ଚାୟତର ସିଲୁ ପାଣ୍ଡିଆ (୩୫)। ସୂଚନା ମୁତାବକ, ୧୬ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାମ ଜାରି ରହିଛି। ସିଲୁ ସେଠାରେ ପହଞ୍ଚି ରାଜପଥ କାମ ବନ୍ଦ କରିବା ସହ ଠିକା ସଂସ୍ଥା କର୍ମଚାରୀଙ୍କୁ ଧମକ ଦେଇଥିଲେ। କର୍ମଚାରୀମାନେ ପ୍ରତିବାଦ କରିବାରୁ ସିଲୁ ୧ଲକ୍ଷ ଟଙ୍କା ବଟି ମାଗିଥିଲା। ଲକ୍ଷେ ଟଙ୍କା ବଟି ନ ଦେଲେ ଆଜିଠାରୁ କାମ ବନ୍ଦ ବୋଲି କହିଥିଲା। ଏନେଇ ଠିକା ସଂସ୍ଥା ପକ୍ଷରୁ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗକୁ ଭିତ୍ତିକରି ସିଲୁଙ୍କୁ ଗିରଫ କରିଥିଲା।

## କଟକଣା କୋହଳ କରାଯିବାକୁ ଦାବି

**ପୁରୀ ଅଫିସ, ୯।୮**

ବିବାହ, ବ୍ରତ, ଶୁଦ୍ଧିକ୍ରିୟା ପରି ସାମାଜିକ କାର୍ଯ୍ୟକ୍ରମ କ୍ଷେତ୍ରରେ କଟକଣା କୋହଳ କରାଯିବାକୁ ଓଡ଼ିଶା ଟେଣ୍ଟ, କ୍ୟାଟରିଂ, ଆଲୋକ ଓ ଶବ୍ଦ ପ୍ରକରଣ ସଂଘର ପୁରୀ ଜିଲା ଶାଖା ଦାବି କରିଛି। ଏ ନେଇ ସଂଘ ପକ୍ଷରୁ ସୋମବାର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅନୁରୋଧପତ୍ର ଦିଆଯାଇଛି। ସଂଘର କର୍ମକର୍ତ୍ତା କହିଛନ୍ତି, କରୋନା ପ୍ରଭାବକୁ ଦୃଷ୍ଟିରେ ରଖି ସାମାଜିକ କାର୍ଯ୍ୟକ୍ରମ ପାଳନ ଉପରେ ସରକାର ବିଭିନ୍ନ କଟକଣା ଜାରି କରିଛନ୍ତି। ଏଥିଯୋଗୁ ଏହି ବ୍ୟବସାୟ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ ଥିବା ରାଜ୍ୟର ପ୍ରାୟ ୧୨ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ଆର୍ଥିକ ଅବସ୍ଥା ଏବେ ଦୟନୀୟ ହୋଇପଡ଼ିଛି। କରୋନାର ସଂକ୍ରମଣ କମୁଥିବାରୁ ବିଭିନ୍ନ କ୍ଷେତ୍ରରେ ପୂର୍ବ ନିର୍ଦ୍ଧାରିତ ନିୟମକୁ କୋହଳ କରାଯାଉଥିବା ବେଳେ ବିବାହ, ଶୁଦ୍ଧିକ୍ରିୟା ପରି ସାମାଜିକ କାର୍ଯ୍ୟରେ କୌଣସି କୋହଳ କରାଯାଉନାହିଁ। ତେଣୁ ସରକାର ପୂର୍ବ ନିୟମରେ କୋହଳ କରି ସାମାଜିକ କାର୍ଯ୍ୟକ୍ରମରେ ଅତିକମ୍‌ରେ ୩୦୦ ବ୍ୟକ୍ତିଙ୍କୁ ଅନୁମତି ଦେବାକୁ ସଂଘ ଅନୁରୋଧ କରିଛି। ଏହାଦ୍ୱାରା ବ୍ୟବସାୟ ସହ ଜଡ଼ିତ ଥିବା ୧୨ ଲକ୍ଷ ଲୋକଙ୍କ ଜୀବନ ଧାରଣର ମାନ ଉନ୍ନତ ହୋଇପାରିବ ବୋଲି ସଂଘ କହିଛି।

# କଟକଣାରେ ପାଳନ ହେବ ସ୍ୱାଧୀନତା ଦିବସ

**ପୁରୀ ଅଫିସ,୯।୮**

ପୁରୀ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସୋମବାର ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ କୋଭିଡ୍ କଟକଣା ମଧ୍ୟରେ ତାଳବଣିଆସ୍ଥିତ ଜିଲା ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପଡ଼ିଆରେ ସ୍ୱାଧୀନତା ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ପୂର୍ବାହ୍ନ ୯ଟା ୧୫ରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ ପୂର୍ବକ ପରେଡ୍ ଅଭିବାଦନ ଗ୍ରହଣ କରିବେ। କେବଳ ପୋଲିସ ବାହିନୀ ପକ୍ଷରୁ ପରେଡ୍ କାର୍ଯ୍ୟକ୍ରମ ହେବ। ଅନ୍ୟ କୌଣସି ଦଳକୁ ପରେଡ ଅନୁମତି ମିଳିବ ନାହିଁ। ସୀମିତ ବ୍ୟକ୍ତି ବିଶେଷଙ୍କୁ ଉତ୍ସବରେ ସାମିଲ କରାଯିବ। ସମ୍ପୃକ୍ତ ଦିନ ପ୍ରାତଃରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସହରରେ ରାମଧୂନ ପରିବେଷଣ କରାଯିବ। ସହରରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ଉତ୍କଳ ବାଳାଶ୍ରମରେ ମିଷ୍ଟାନ ବଣ୍ଟନ, ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ ଓ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ରକ୍ତଦାନ ଶିବିର ହେବ। ବୈଠକରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସୁଭାଷ ଚନ୍ଦ୍ର ନାଥଶର୍ମା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ମହାପାତ୍ର, ପୌରସଂସ୍ଥା ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଓ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଗିରିଶ ଚନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ପୃଥକ ମାମଲାରେ ୩ ଅଭିଯୁକ୍ତ ଗିରଫ

**ବାଣପୁର,୯।୮(ଡି.ଏନ୍.ଏ.)**

ବାଣପୁର ପୋଲିସ ତିନୋଟି ମାମଲାରେ ଦୁଇଭାଇ ସମେତ ୩ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସୂଚନା ମୁତାବକ, ବାଣପୁର ଥାନା ହଳନ୍ଦା ଗ୍ରାମର ହଜାରୀ ବିଷୋୟୀଙ୍କ ମୃତ୍ୟୁ ପରେ ଜମିବାଡିକୁ ନେଇ ଭାଇ ଓ ଭଉଣୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଭାଇ ଓ ଭଉଣୀଙ୍କ ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା (ନଂ.୨୮୪, ୨୮୫/୨୧) ରୁଜୁକରି ଦୁଇ ଭାଇଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ହେମନ୍ତ ବିଷୋୟୀ ଓ କବିରାଜ ବିଷୋୟୀ। ସେହିପରି ବାଣପୁର ବ୍ଲକ ସାହାସପୁର ଗ୍ରାମର କପିଳେଶ୍ୱର ନାୟକ ରବିବାର ସ୍କୁଟିରେ ବେଲପଡା ଗ୍ରାମକୁ ଯାଉଥିଲେ। ବାଣପୁର-ବାଲୁଗାଁ ବାଇପାସରେ ଏକ ବୋଲେରୋ ତାଙ୍କୁ ଧକ୍କା ଦେବାରୁ ସେ ଗୁରୁତର ହୋଇଥିଲେ। ଏନେଇ କପିଳେଶ୍ୱରଙ୍କ ବୋହୂ ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ବୋଲେରୋ ଜବତ କରିବା ସହ ଚାଳକ ଗଞ୍ଜାମ ଜିଲା ଦିଗପହଣ୍ଡି ଅଞ୍ଚଳର ଗୋପାଳ ଗୌଡଙ୍କୁ ଗିରଫ କରିଛି।

# ଅଭିଯୁକ୍ତଙ୍କ ଗିରଫ ଦାବିରେ ରାସ୍ତାରୋକୋ

**ପୁରୀ ଅଫିସ, ୯।୮**

**ଆଇନଜୀବୀଙ୍କୁ ଆକ୍ରମଣର ପ୍ରତିବାଦ**

ପୁରୀ ବାର୍ ଆସୋସିଏଶନର ଜଣେ ମହିଳା ଆଇନଜୀବୀଙ୍କୁ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇନାହିଁ। ଏହାର ପ୍ରତିବାଦରେ ସୋମବାର ପୁରୀ ଓକିଲ ସଂଘ ପକ୍ଷରୁ କଚେରୀ ଛକରେ ରାସ୍ତାରୋକୋ କରାଯାଇଥିଲା। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଆକ୍ରମଣକାରୀ ଯୁବକଙ୍କ ମା, ବାପା ପୋଲିସ କର୍ମଚାରୀ ହୋଇଥିବାରୁ ପୋଲିସ ଚୁପ୍ ବସିଥିବା ସଂଘ ଅଭିଯୋଗ କରିଛି।

ସଂଘ କର୍ମକର୍ତ୍ତାଙ୍କ ଅଭିଯୋଗ ଅନୁଯାୟୀ, ଶୁଭେନ୍ଦୁ ବିଶ୍ୱାଳ ନାମକ ଯୁବକ ଜଣେ ମହିଳା ଆଇନଜୀବୀଙ୍କ ଘରେ ପଶି ତାଙ୍କୁ ମାଡ଼ ମାରିବା ସହ ଜିନିଷପତ୍ର ଫିଙ୍ଗାଫିଙ୍ଗି କରିଥିଲେ। ଏନେଇ ପୁରୀ ଟାଉନ୍ ଥାନାରେ ଏତଲା ଦିଆଯାଇଥିଲା।



ଓକିଲ ସଂଘ ପକ୍ଷରୁ କଚେରି ଛକରେ ରାସ୍ତାରୋକୋ କରାଯାଇଛି।

୪-୫ ଦିନ ବିତିଯାଇଥିଲେ ମଧ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ। ଏନେଇ ପୁରୀ ଓକିଲ ସଂଘର ପୂର୍ବତନ ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ ପୋଲିସର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଆନ୍ଦୋଳନ ଜୋରଦାର ହେବ ବୋଲି ସେମାନେ କହିଛନ୍ତି। ସିଟି ଡିଏସ୍‌ପି ଜନାର୍ଦ୍ଦନ ପାତ୍ରୀ ରାସ୍ତା ଅବରୋଧସ୍ଥଳରେ ପହଞ୍ଚି ଆଇନଜୀବୀମାନଙ୍କୁ ବୁଝାଶୁଝା କରିବା ସହ ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ପୁରୀସ୍ଥିତ ସଞ୍ଜୀବ ହିରୋ ଶୋ'ରୁମ୍ ପରିସରରେ ଗ୍ଲାମର ଏକ୍ସଟେକ୍‌ର ବଜାର ପ୍ରବେଶ କରାଯାଉଛି।

## ଟାଙ୍ଗୀକୁ ଏନ୍ଏସି ମାନ୍ୟତା ଦାବି

**ଟାଙ୍ଗୀ(ଖୋର୍ଦ୍ଧା),୯।୮(ଡି.ଏନ୍.ଏ.)**

ଟାଙ୍ଗୀକୁ ଏନ୍ଏସି ମାନ୍ୟତା ଦାବିରେ ସୋମବାର ଟାଙ୍ଗୀ ବିକାଶ ମଞ୍ଚ ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଅତିରିକ୍ତ ବିଡିଓଙ୍କୁ ପ୍ରଦାନ କରାଯାଇଛି। ସୂଚନାଥାଉ କି, ୨୦୦୯ ମସିହାରେ ଖୋର୍ଦ୍ଧା ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ବୁଦ୍ଧିଜୀବୀଙ୍କୁ ନେଇ ଏନ୍ଏସି ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା। ଏପରିକି ୨୦୧୭ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଟାଙ୍ଗୀ ପଞ୍ଚାୟତକୁ ୨ଟି ପଞ୍ଚାୟତ କରିବାକୁ ପ୍ରସ୍ତାବ ଆସିଥିଲା। କିନ୍ତୁ ଏନ୍ଏସି ଘୋଷଣାକୁ ଲକ୍ଷ୍ୟ ରଖି ଦୁଇଟି ପଞ୍ଚାୟତ ନ କରିବା ପାଇଁ ଜନସାଧାରଣଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା। ୫ ବର୍ଷ ବିତିଯାଇଥିଲେ ମଧ ଏନ୍ଏସି ମାନ୍ୟତା ପାଇଁ ପଦକ୍ଷେପ ନିଆଯାଉନାହିଁ। ଏନ୍ଏସି ମାନ୍ୟତା ଦାବିରେ ବିକାଶ ମଞ୍ଚର ଆବାହକ ସୁଶାନ୍ତ ସିଂ, ରଘୁନାଥ ସାହୁ, ଗଙ୍ଗାଧର ବେହେରା, ରାମଚନ୍ଦ୍ର ପରିଡ଼ା, ଗିରିଶ ବେହେରା, ଘନଶ୍ୟାମ ମହାନ୍ତି, ସୁବାସ ମହାନ୍ତି, ସାଗର ପଟ୍ଟନାୟକ ପ୍ରମୁଖଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି।

## ଖୋର୍ଦ୍ଧାରେ ଖୋଲିଲା ଧର୍ମାନୁଷ୍ଠାନ



**ଖୋର୍ଦ୍ଧା ଅଫିସ,୯।୮**

କୋଭିଡ୍ କଟକଣା ମଧ୍ୟରେ ସୋମବାର ଠାରୁ ଖୋର୍ଦ୍ଧା ଜିଲା(ଭୁବନେଶ୍ୱରକୁ ବାଦ ଦେଇ)ରେ ସମସ୍ତ ମନ୍ଦିର ଏବଂ ଧାର୍ମିକ ଅନୁଷ୍ଠାନ ଖୋଲିଛି। ଶ୍ରାବଣ ମାସ ତୃତୀୟ ସୋମବାର ପାଇଁ ଗୁରୁଜଙ୍ଗ ସ୍ଥିତ ଶ୍ରୀଧବଳେଶ୍ୱର, ଶ୍ରୀଲୋକେଶ୍ୱର, ବାଘମାରୀର ଶ୍ରୀହଟକେଶ୍ୱର, ଗୋଡାର ଗୋଡା ଲୋକନାଥଙ୍କ ପୀଠରେ ଭକ୍ତଙ୍କ ସମାଗମ ହୋଇଥିଲା। ଏଥିସହ ଜାଗୁଲାଇପାଟଣା ସ୍ଥିତ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ, କାଇପଦର ପୀରବାବାଙ୍କ ପୀଠ, ମା' ଉଗ୍ରତାରା, ବାଣପୁର ଭଗବତୀ ପୀଠ, ଗଡଖୋର୍ଦ୍ଧା ସ୍ଥିତ ଶ୍ରୀଗୋପାଳଜୀଉଙ୍କ ମନ୍ଦିର ସମେତ ସହରରେ ରହିଥିବା ଶୈବ ପୀଠଙ୍କ ସମେତ ସମସ୍ତ ଦେବଦେବୀଙ୍କ ମନ୍ଦିରରେ ଭକ୍ତଙ୍କ ଗହଳି ଲାଗି ରହିଥିଲା। ଦୀର୍ଘମାସ ପରେ ମନ୍ଦିର ଖୋଲିଥିବାରୁ ଭକ୍ତଙ୍କ ମହଲରେ ଉତ୍ସାହ ଦେଖିବାକୁ ମିଳିଥିଲା। ଲମ୍ବାଧାଡିରେ ମାସ୍କ ପରିଧାନ କରି ଭକ୍ତମାନେ ମନ୍ଦିରରେ ପ୍ରବେଶ କରି ଠାକୁରଙ୍କ ଦର୍ଶନ କରିଥିଲେ। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦର୍ଶନ ଲାଗି ରହିଥିଲା। ହଟକେଶ୍ୱର ପୀଠ ପୂଜକ ଦିଲୀପ ପଣ୍ଡା କହିଛନ୍ତି, କୋଭିଡ ଗାଇଡଲାଇନ ଅନୁସାରେ ଭକ୍ତ ମାନେ ଲମ୍ବାଧାଡିରେ ଆସି ଦର୍ଶନ କରି ଫେରୁଛନ୍ତି। ମାସ୍କ ପରିଧାନ ବାଧ୍ୟତାମୂଳକ ରହିଛ ବୋଲି କହିଥିଲେ। ନିକଟରୁ ଆରାଧ୍ୟ ଠାକୁରଙ୍କ ଦର୍ଶନ ପାଇ ଭକ୍ତମାନେ ଆନନ୍ଦରେ ଫେରିଥିବା ଦେଖିବାକୁ ମିଳିଛି।

# ଶ୍ରମିକ ମାରଣ ନୀତିକୁ ବିରୋଧ

**ଖୋର୍ଦ୍ଧା ଅଫିସ/ପୁରୀ ଅଫିସ/ ଡେଲାଙ୍ଗ,୯।୮ (ଡି.ଏନ.ଏ.)**

ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ସିଆଇଟିୟୁ, ଅଖିଳ ଭାରତ କୃଷକସଭା, କ୍ଷେତମଜଦୁର ୟୁନିୟନ ପକ୍ଷରୁ ମିଳିତ ଭାବେ କ୍ରାନ୍ତି ଦିବସ ଅବସରରେ ଭାରତ ବଞ୍ଚାଅ ଦିବସ ଓ ବିଭିନ୍ନ ସମସ୍ୟା ନେଇ ବିକ୍ଷୋଭ କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ନୀତିକୁ ବିରୋଧ କରିଥିଲେ। ୩ କୃଷି ଆଇନ, ଶ୍ରମିକ ବିରୋଧି ୪ଟି ଶ୍ରମ କୋଡ, ବିଦ୍ୟୁତ୍ ସେବା ଘରୋଇକରଣ, ତୈଳଦର ବୃଦ୍ଧି, ଅତ୍ୟାବଶ୍ୟକ ସାମଗ୍ରୀ ଦରଦାମ ବୃଦ୍ଧି ଚାଷୀଙ୍କ ଧାନବିକ୍ରି ପଞ୍ଜୀକରଣ ସମୟ ଅବଧି, ଭାଗଚାଷୀଙ୍କୁ ସରକାରୀ ଦରରେ ଧାନବିକ୍ରି ଲାଗି ଅନୁମତି, ଡିସେମ୍ବର ସୁଦ୍ଧା ସମସ୍ତଙ୍କୁ ମାଗଣାରେ କୋଭିଡ ଟିକା ପ୍ରଦାନ, କୋଭିଡ ୧୯ରେ କାମ ହରାଇଥିବା ଶ୍ରମିକଙ୍କୁ ଆର୍ଥିକ ସହଯୋଗ ଆଦି ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ। ଏଥିରେ କୃଷକ ସଭାର ଜିଲା ଆବାହକ ଅନନ୍ତ ମଙ୍ଗରାଜ,



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ସିଆଇଟିୟୁ ଜିଲା ସମ୍ପାଦକ ଶୈଳେସ ବଳିଆରସିଂ, ଶ୍ରମିକ ନେତା ଶଙ୍କର୍ଷଣ ପ୍ରଧାନ, ଶିକ୍ଷକ ନେତା କିଶୋର ଚନ୍ଦ୍ର ପରମଗୁରୁ, ଯୋଗେନ୍ଦ୍ର ଦାଶ, ନବକିଶୋର ବଡଜେନା ପ୍ରମୁଖ ଯୋଗଦେଇଥିଲେ। ସେହିପରି ଏସୟୁସିଆଇ(କମ୍ୟୁନିଷ୍ଟ) ଏବଂ ଶ୍ରମିକ ସଙ୍ଗଠନ ଏଆଇୟୁଟିୟୁସି ପକ୍ଷରୁ କ୍ରାନ୍ତି ଦିବସ ଅବସରରେ ଭାରତ ବଞ୍ଚାଅ ଦିବସ ପାଳିତ ହୋଇଥିଲା। କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିକୁ ବିରୋଧ କରିଥିଲେ। ଏସୟୁସିଆଇ ନଗର ସମ୍ପାଦକ ଅଶୋକ ସାହୁ, ଜୟନ୍ତ ମହାନ୍ତି ଅବିନାଶ ପ୍ରଧାନ, ଶ୍ରୀକାନ୍ତ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିପିଏମ୍, ସିପିଆଇ, ସିଆଇଏମ୍ଏଲ୍ ଲିବରେଶନ ପକ୍ଷରୁ ଧାରଣା ଦିଆଯାଇଥିଲା। କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦିଆଯିବା ସହ ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ଼ ଲାଗୁ ହେଲେ ଠିକା ଶ୍ରମିକଙ୍କ ମଜୁରୀ ଓ ସାମାଜିକ ନିରାପତ୍ତା ବିପନ୍ନ ହେବ ବୋଲି କୁହାଯାଇଛି। ଅତ୍ୟାବଶ୍ୟକୀୟ ସାମଗ୍ରୀ ଓ ପେଟ୍ରୋଲ, ଡିଜେଲ, ଗ୍ୟାସ ଦର ଆକାଶଛୁଆଁ ଯୋଗୁ ଲୋକେ ଅତିଷ୍ଠ ହୋଇପଡ଼ିଲେଣି ବୋଲି ବାମପନ୍ଥୀ ନେତାମାନେ କହିଥିଲେ। ଆନ୍ଦୋଳନରେ ଶରତ କୁମାର ରାୟଗୁରୁ, ଜଗନ୍ନାଥ ଦେଓ, ଅଶୋକ ପ୍ରଧାନ, ପ୍ରଦୀପ୍ତ ମହାନ୍ତି, କୃଷ୍ଣ ରାଉତ, କିଷାନ ପଟ୍ଟନାୟକ, ମନୋରଞ୍ଜନ ମହାରଣା, ରଞ୍ଜିତ ନାୟକ, ଟୁନା ନାୟକ, ବିଭୂତି ରାଉତରାୟ, ହରିହର ସେନାପତି, ପୂର୍ଣ୍ଣ ମୁଦୁଲି, ପର୍ଶୁରାମ ମହାପାତ୍ର ଏବଂ ଗୋବିନ୍ଦ ମାଝୀ ପ୍ରମୁଖ ସାମିଲ ଥିଲେ। ଏଆଇକେଏସ୍‌ସିସି ଡାକରାରେ ସୋମବାର ଡେଲାଙ୍ଗସ୍ଥିତ ଅଲ୍ ଇଣ୍ଡିଆ କ୍ଷେତ ମଜଦୁର ସଂଗଠନ ପକ୍ଷରୁ କର୍ପୋରେଟ ହଟାଅ ଦେଶ ବଞ୍ଚାଅ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବେରବୋଇ ପାର୍ଟି କାର୍ଯ୍ୟାଳୟରେ ସଦସ୍ୟମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି ଦେବା ସହିତ କର୍ପୋରେଟ ହଟାଅ ଦେଶ ବଞ୍ଚାଅ ଓ ୩ କୃଷି ଆଇନ ଚାଷୀକୂଳ ପାଇଁ ସର୍ବନାଶ ଆଣିଛି ବୋଲି ରାଜ୍ୟ ସମ୍ପାଦକ କମ୍ରେଡ ରଘୁନାଥ ଦାଶ ଯୋଗଦେଇ ମତବ୍ୟକ୍ତ କରିଥିଲେ। କମ୍ରେଡ ଗଙ୍ଗାଧର ପ୍ରଧାନ, ବଟକୃଷ୍ଣ ସ୍ୱାଇଁ, ରାଜକିଶୋର ଆଲୁକ, ଦୀନବନ୍ଧୁ ପରିଡା ପ୍ରମୁଖ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।